

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୩୪ ଭୁବନେଶ୍ୱର ଗୁରୁବାର, ମଇ ୧୫.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.234 Bhubaneswar, Thursday, May 15, 2025


## ଅପରେସନ୍ ବ୍ଲାକ୍ ଫରେଷ୍ଟ

# ୩୧ ମାଓବାଦୀ ନିପାତ



ମାଲକାନଗିରି: ସୀମାନ୍ତ ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାବର୍ତ୍ତୀ ଅଂଚଳରେ ରହିଥିବା ବିଶାଳ ଜଂଗଲରେ ନକ୍ସଲ ସଂଗଠନର ସମସ୍ତ ବଡ଼ବଡ଼ ନେତା ଏବଂ ପିଏଲଜିଏର ଟପ୍ କ୍ୟାଡର ନକ୍ସଲମାନେ ରହିଥିବା ପୁଲିସ ସୂଚନା ପାଇବା ପରେ ଗତ ଏପ୍ରିଲ ୨୧ ତାରିଖରୁ ମେ ୨୧ ଯାଏଁ ୧୦ ହଜାର ଯବାନଙ୍କୁ ନେଇ କାରେଗଟ୍ଟା ଜଂଗଲରେ ଅପରେସନ ଆରମ୍ଭ କରିଥିଲା। ୨୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଯବାନ ଜଂଗଲରେ ଅପରେସନ ଜାରି ରଖିଥିଲେ। ଏହି ଜଂଗଲ ଲମ୍ବା ୬୦ କିଲୋମିଟର ହୋଇଥିବା ବେଳେ ଓସାର ୨୦ କିଲୋମିଟର। ଏହି ଅପରେସନରେ ଯବାନ ୩୧ ଜଣ ନକ୍ସଲଙ୍କୁ ମାରିଥିବା ବେଳେ ଏଥିରୁ ୧୬ ଜଣ ମହିଳା ନକ୍ସଲ ଏବଂ ୧୫ ଜଣ ପୁରୁଷ ନକ୍ସଲ ରହିଛନ୍ତ। ତେବେ ଏମାନଙ୍କ ମଧ୍ୟରୁ ୨୮ ନକ୍ସଲଙ୍କର ଚିହ୍ନଟ ହୋଇସାରିଛି। ଏଥିସହ ୧୮ ଯବାନ ମଧ୍ୟ ନକ୍ସଲଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଆହତ ହୋଇଛନ୍ତି। କାରେଗଟ୍ଟା ଜଂଗଲରେ ହୋଇଥିବା ଅପରେସନ ସଂପର୍କରେ ସିଆରପିଏଭ ଡିଜି ଜ୍ଞାନେନ୍ଦ୍ର ପ୍ରତାପ ସିଂ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ରିପୋର୍ଟ ପ୍ରଦନ କରିଛନ୍ତି। ଏହି ଜଂଗଲରୁ ଯବାନ ୨୫୦ରୁ ଊର୍ଦ୍ଧ୍ୱ ଲ୍ୟାଣ୍ଡମାଇନ ମଧ୍ୟ ଉଦ୍ଧାର କରିଥିଲେ। ଏହ ଅପରେସନରେ ସିଆରପିଏଫ, କୋବ୍ରା, ଏସଟିଏଫ, ଜିଲ୍ଲା ପୁଲିସ ସହ ତେଲେଙ୍ଗାନା ଗ୍ରେହାଉଣ୍ଡ ଏବଂ ଜିଲ୍ଲା ପୁଲିସ ମଧ୍ୟ ସାମିଲ ଥିଲେ। ଜଂଗଲର ବିଭିନ୍ନ ସ୍ଥାନରେ ନୂତନ ପୁଲିସ କ୍ୟାମ୍ପ ମଧ୍ୟ ପ୍ରତିଷ୍ଠା କରାଗଲା। ଏହି ଅଂଚଳରେ ଥିବା ଗାଁଗୁଡିକର ଲୋକଙ୍କୁ ସମସ୍ତ ପ୍ରକାର ମାଗଣାରେ ଚାଉଳ, ବିଦ୍ୟୁତ ସେବା, ଶିକ୍ଷା, ସ୍ୱାସ୍ଥ୍ୟ, ଚିନି, ଗୁଡ଼ ଇତ୍ୟାଦି ପ୍ରଦାନ କରାଯିବ ବୋଲି କୁହାଯାଇଛି। କାରେଗଟ୍ଟା ଜଂଗଲରେ ହୋଇଥିବା ଅପରେସନରେ ପୁଲିସକୁ ବଡ ସଫଳତା ମିଳିଥିବାରୁ ଯବାନଙ୍କୁ ପ୍ରଶଂସା କରାଯାଇଛି। ଦିନରାତି ଏକ କରି ଯବାନ ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ବିଏସଏଫ ହେଲିକେପ୍ଟର ଏମାନଙ୍କ ଉପରେ ନଜର ରଖିବା ସହ ସହଯୋଗ କରୁଥିଲା। ଯବାନଙ୍କୁ ଡ୍ରୋନ ବହୁତ ସାହାଯ୍ୟ କରିଥିଲା। ଡ୍ରୋନ ସାହାଯ୍ୟରେ ନକ୍ସଲଙ୍କର ଗତିବିଧି ଜାଣି ସେମାନଙ୍କୁ ସହଜରେ ଟାର୍ଗେଟ କରାଯାଇପାରୁଥିଲା। ନକ୍ସଲମାନେ ଆତ୍ମସମର୍ପଣ ନକରିବା ପର୍ଯ୍ୟନ୍ତ ଅପରେସନ ପୁଣି ଆରମ୍ଭ ହେବ ବୋଲି କୁହାଯାଇଛି।

# ଶପଥ ନେଲେ ବି.ଆର.ଗଭାଇ

## ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ବି.ଆର୍ ଗଭାଇ

ନୂଆଦିଲ୍ଲୀ, ୧୪/୫: ସୁପ୍ରିମ୍‌କୋର୍ଟର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ । ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଜଷ୍ଟିସ୍ ବି.ଆର୍ ଗଭାଇଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଶପଥ ଗ୍ରହଣ ସମାରୋହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କ କାର୍ଯ୍ୟକାଳ ସୀମିତ ସମୟ ପାଇଁ ରହିବ। ୬ ମାସ ପରେ ନଭେମ୍ବରରେ ସେ ଅବସରଗ୍ରହଣ କରିବେ। ଜଷ୍ଟିସ କେଜି ବାଲାକୃଷ୍ଣଙ୍କ ପରେ ଦ୍ୱିତୀୟ ଦଳିତ ବିଚାରପତି ଭାବେ ସେ ଦେଶର ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେଇଛନ୍ତି। ମହରାଷ୍ଟ୍ର ଅମରାବତୀର ଜଷ୍ଟିସ ଗଭାଇ ୧୯୮୫ରେ ଓକିଲ ସଂଘରେ ସାମିଲ ହୋଇଥିଲେ। ସେ ଓକିଲ ତଥା ପୂର୍ବତନ ଆଡଭୋକେଟ ଜେନେରାଲ ଏବଂ ମହାରାଷ୍ଟ୍ର ହାଇକୋର୍ଟର ପୂର୍ବତନ ବିଚାରପତି ରାଜା ଭୋସଁଲେଙ୍କ ସହ କାମ କରିଥିଲେ। ପରେ ୧୯୮୭ରୁ ୧୯୯୦ ପର୍ଯ୍ୟନ୍ତ ସେ ସ୍ୱାଧୀନ ଭାବେ ଓକିଲାତି କରିଥିଲେ। ୧୯୯୨ ଅଗଷ୍ଟରେ ତାଙ୍କୁ ଅତିରିକ୍ତ ସରକାରୀ ଓକିଲ, ୨୦୦୩ରେ ହାଇକୋର୍ଟର ଅତିରିକ୍ତ ବିଚାରପତି ଏବଂ ୨୦୦୫ରେ ସ୍ଥାୟୀ ବିଚାରପତି ନିଯୁକ୍ତ କରା ଯାଇଥିଲା। ଜଷ୍ଟିସ ଗଭାଇ ୨୦୧୯ରେ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଥିଲେ। ସେ ସର୍ବୋଚ୍ଚ ନ୍ୟାୟାଳୟର ବିଭିନ୍ନ ଖଣ୍ଡପୀଠରେ ସାମିଲ ହୋଇ ଅନେକ ଐତିହାସିକ ରାୟ ଶୁଣାଇଛନ୍ତି।



# ଶତ୍ରୁର ଡ୍ରୋନ୍ ପାଇଁ କାଳ ସାଜିବ 'ଭାର୍ଗବାସ୍ତ୍ର'

## ଭାରତର କାଉଣ୍ଟର-ଡ୍ରୋନ୍ ସିଷ୍ଟମ 'ଭାର୍ଗବସ୍ତ୍ର'ର ସଫଳ ପରୀକ୍ଷଣ

ଗୋପାଳପୁର, ୧୪/୫: ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତିରେ, ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ୍ (ଏସଡିଏଏଲ୍) 'ଭାର୍ଗବସ୍ତ୍ର' ନାମକ ଏକ କମ ମୂଲ୍ୟର, କାଉଣ୍ଟର-ଡ୍ରୋନ୍ ସିଷ୍ଟମକୁ ସଫଳତାର ସହ ବିକଶିତ ଏବଂ ପରୀକ୍ଷଣ କରିଛି। ଏହି ଅତ୍ୟାଧୁନିକ ପ୍ରଣାଳୀ ଡ୍ରୋନ୍ ଦଳଗୁଡ଼ିକର ବଢୁଥିବା ବିପଦକୁ ନିରପେକ୍ଷ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଆଧୁନିକ ଯୁଦ୍ଧରେ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ଏହି ସିଷ୍ଟମରେ ମେ ୧୩ ତାରିଖରେ ଗୋପାଳପୁରର ସିୱାର୍ଡ ଫାୟାରିଂ ରେଞ୍ଜରେ କଠୋର ପରୀକ୍ଷଣ ହୋଇଥିବା ମାଇକ୍ରୋ ରକେଟ୍ ବ୍ୟବହାର କରାଯାଇଛି। ଭାରତୀୟ ସେନାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କରାଯାଇଥିବା ଏହି ପରୀକ୍ଷଣରେ ତିନୋଟି ପୃଥକ ପରୀକ୍ଷଣ ଅନ୍ତର୍ଭୁକ୍ତ ଥିଲା। ଦୁଇଟି ପରୀକ୍ଷଣରେ ଗୋଟିଏ ଗୋଟିଏ ରକେଟ୍ ଫାୟାର କରାଯାଇଥିଲା, ଯେତେବେଳେ ତୃତୀୟ ପରୀକ୍ଷଣରେ ସାଲଭୋ ମୋଡ୍ ଲଞ୍ଚ ପ୍ରଦର୍ଶନ କରାଯାଇଥିଲା, ଯାହା ମାତ୍ର ୨ ସେକେଣ୍ଡ ମଧ୍ୟରେ ଦୁଇଟି ରକେଟ୍ ଫାୟାର କରିଥିଲା। ଏସଡିଏଏଲ୍ ଅନୁଯାୟୀ, ଚାରୋଟି ରକେଟ୍ ଆଶାନୁରୂପ ପ୍ରଦର୍ଶନ କରିଥିଲା, ଇଚ୍ଛିତ ଲଞ୍ଚ ପାରାମିଟର ହାସଲ କରିଥିଲା ଏବଂ ବଡ଼ ଧରଣର ଡ୍ରୋନ୍ ବିପଦକୁ ନିରପେକ୍ଷ କରିବାରେ ସିଷ୍ଟମର କ୍ଷମତା ପ୍ରଦର୍ଶନ କରିଥିଲା। 'ଭାର୍ଗବସ୍ତ୍ର' ପ୍ରଣାଳୀର ଲକ୍ଷ୍ୟ ହେଉଛି ଡ୍ରୋନ ଦଳ ଦ୍ୱାରା ସୃଷ୍ଟି ହେଉଥିବା ବର୍ଦ୍ଧିତ ବିପଦକୁ ସମାଧାନ କରିବା, ବିଶେଷକରି ସଂଘର୍ଷ କ୍ଷେତ୍ର ଏବଂ ଉଚ୍ଚ-ସୁରକ୍ଷା କ୍ଷେତ୍ରରେ। ନିରୀକ୍ଷଣ, ଲଜିଷ୍ଟିକ୍ସ ଏବଂ ସଶସ୍ତ୍ର ଆକ୍ରମଣ ପାଇଁ ଡ୍ରୋନଗୁଡ଼ିକୁ ବର୍ଦ୍ଧିତ ଭାବରେ ବ୍ୟବହୃତ ହେଉଥିବାରୁ, ଏହି ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ସାମରିକ ଏବଂ ବେସାମରିକ ଭିତ୍ତିଭୂମିକୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରେ। ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଅଧିକ ରହିଛି। ବର୍ତ୍ତମାନର ବିବାଦ ୨୨ ଏପ୍ରିଲରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣରୁ ଆରମ୍ଭ ହୋଇଛି, ଯାହା ଭାରତକୁ ପାକିସ୍ତାନ ଏବଂ ପାକ-ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଅପରେସନ ସିନ୍ଦୂର ଆରମ୍ଭ କରିବାକୁ ପ୍ରେରଣା ଦେଇଥିଲା। ପାକିସ୍ତାନ ୭ ମଇରୁ ୧୦ ମଇ ମଧ୍ୟରେ ଭାରତୀୟ ସାମରିକ ଏବଂ ସାଧାରଣ ଲୋକଙ୍କ ସ୍ଥାନ ଉପରେ ଆକ୍ରମଣ କରି ପ୍ରତିଶୋଧ ନେଇଥିଲା, ଯାହା ଫଳରେ ସାମରିକ ପରିସ୍ଥିତିରେ ଏକ ସଂକ୍ଷିପ୍ତ ବୃଦ୍ଧି ଘଟିଥିଲା। ତଥାପି, ୧୦ ମଇରୁ କାର୍ଯ୍ୟକାରୀ ହୋଇଥିବା ଏକ ଅସ୍ତ୍ରବିରତି ଚୁକ୍ତିନାମା ପ୍ରାୟତଃ ସ୍ଥାୟୀ ହୋଇଛି, ଉଭୟ ଦେଶ ଆହୁରି ଉତ୍ତେଜନା ହ୍ରାସ କରିବା ପାଇଁ ସିଧାସଳଖ ଯୋଗାଯୋଗରେ ନିୟୋଜିତ ଅଛନ୍ତି।



## ବାତ୍ୟା ଖବରକୁ ଖଣ୍ଡନ କଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୧୪/୫: ବାତ୍ୟା ଖବରକୁ ଖଣ୍ଡନ କରିଛି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)। ଏବେ ବାତ୍ୟାର ସୂଚନା ନଥିବା ବିଭାଗ ସ୍ପଷ୍ଟ କରିଛି। ମେ' ୨୩ରୁ ୨୮ ମଧ୍ୟରେ 'ବାତ୍ୟା ଶକ୍ତି' ହେବା ନେଇ କେତେକ ଗଣମାଧ୍ୟମରେ ପ୍ରସାରିତ ଖବରକୁ ଆଇଏମଡି ଦୃଢ ଭାବରେ ଖଣ୍ଡନ କରିଛି। ଏକ ସରକାରୀ ସୂଚନାରେ ଆଇଏମଡି ସ୍ପଷ୍ଟ କରିଛି ଯେ, ମେ ୧୩ ତାରିଖରେ ଆଣ୍ଡାମାନ ସାଗର ଉପରେ କେବଳ ଏକ ଘୂର୍ଣ୍ଣିବଳୟ ଉପସ୍ଥିତି ବିଷୟରେ ରିପୋର୍ଟ କରାଯାଇଥିଲା, ଘୂର୍ଣ୍ଣିଝଡ଼ ନୁହେଁ। ପାଣିପାଗ ଦୃଷ୍ଟିରୁ ଦୁଇଟି ଯାକ ପୃଥକ। ଆଇଏମଡି ସ୍ପଷ୍ଟୀକରଣ ଦେଇ କହିଛି ଯେ, ବାତ୍ୟା ନେଇ ବିଭାଗ ପକ୍ଷରୁ କୌଣସି ପୂର୍ବାନୁମାନ କରାଯାଇ ନାହିଁ। ପାଣିପାଗ ସ୍ଥିତିକୁ ନେଇ ଆଗକୁ ସୂଚନା ଦିଆଯିବ। କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଭୁଲ୍ ଖବର ପ୍ରଚାର କରି ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାସହ ଭୟଭୀତ କରାଉଛନ୍ତି। ଏଭଳି ଆନୁମାନିକ କିମ୍ବା ଭୁଲ ଖବର ପ୍ରସାରଣରୁ ନିବୃତ୍ତ ରହିବାକୁ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକୁ ପରାମର୍ଶ ଦେଇଛି ଆଇଏମଡି।



# ୬ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ



ଭୁବନେଶ୍ୱର, ୧୪/୫: ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାର ନୂଆ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ଲାଗୁ ନେଇ ନିଷ୍ପତ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସାମାଜିକ ଓ ଆର୍ଥିକ ଭାବେ ପଛୁଆ ପିଲାଙ୍କ ପାଇଁ ଶିକ୍ଷା ଗ୍ରହଣ ଓ ଚାକିରି କ୍ଷେତ୍ରରେ ନୂଆ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ। ଅନୁସୂଚିତ ଜାତି ଓ ଜନଜାତି ପାଇଁ ଯାହା ସଂରକ୍ଷଣ ବ୍ୟବସ୍ଥା ଥିଲା ରହିବ। ଉଚ୍ଚ ଶିକ୍ଷା ବିଭାଗ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଓ ପଛୁଆ ବର୍ଗ ପାଇଁ ନାମ ଲେଖାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରହିବ। ଚଳିତ ଶିକ୍ଷା ବର୍ଷରୁ ଏହା ଲାଗୁହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ଛାତ୍ରଛାତ୍ରୀଙ୍କ ନାମଲେଖାରେ ୧୧.୨୫ % ଆସନ ସଂରକ୍ଷଣ ଲାଗୁ ହେବ। ଚଳିତ ଶିକ୍ଷା ବର୍ଷରୁ ଏହା ଲାଗୁ ହେବ। ଉଚ୍ଚ ସ୍ନାତକ, ସ୍ନାତକତୋର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ ର ବିପି ଏଡ଼/ଏମ ପି ଏଡ଼ ପାଠ୍ୟକ୍ରମରେ ଲାଗୁ କରାଯିବ। ଅନୁଷ୍ଠାନରେ ଜନଜାତି ଛାତ୍ର ଛାତ୍ରୀ ପାଇଁ ୨୨.୦୫%, ଅନୁସୂଚିତ ଜାତି ୧୬.୨୫%, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପାଇଁ ୫%ଓ ପୂର୍ବତନ ସେନାନଙ୍କ ପାଇଁ ପରିବାର ସଦସ୍ୟ ପାଇଁ ୧%ଆସନ ସଂରକ୍ଷଣ ପ୍ରଚଳନ ହେବ। ବିଗତ ଦିନରେ ନେତୃତ୍ୱ ନେଉଥିବା ସରକାର ବିଫଳ ହୋଇଥିଲେ। ରାଜନୈତିକ ଅଭିଶନ୍ଧି ଭାବେ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ବାସ୍ତବତା ଦୂରରେ ଥିଲା। ନୂଆ ସରକାର ସାମ୍ବିଧାନିକ ଅଧିକାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଦକ୍ଷତା ଓ ବୈଷୟିକ ବିଭାଗରେ ନିୟମାବଳୀ ସଂଶୋଧନ କରିଛନ୍ତି। ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟ କରିବ। ଯୋଜନା ଅଧୀନରେ ସହାୟତା ବୃଦ୍ଧି କରାଯାଇଛି। ଆଗାମୀ ୫ ବର୍ଷ ପାଇଁ ୧୬୨୩ କୋଟି ୧୦ ଲକ୍ଷ ଅନୁମୋଦନ କରାଯାଇଛି। ଗତ ଏପ୍ରିଲ ୧ ତାରିଖ ଠାରୁ ଏହା ଲାଗୁ କରାଯାଇଛି। ମମତା ଯୋଜନାରେ ହିତାଧିକାରୀ ବୟସ ୧୯ ବର୍ଷ ଓ ତାଠାରୁ ଅଧିକ ଥିଲା ଏବେ ୧୮ ବର୍ଷ ୭ ମାସରୁ ୫୫ ବର୍ଷ ଧାର୍ଯ୍ୟ କରାଯାଇଛି। ଗୋଟିଏ ବର୍ଷ ପ୍ରସବ ପୂର୍ବ ଯାଞ୍ଚ ପରେ ମିଳିବ ପ୍ରଥମ କିସ୍ତି। କନ୍ୟା ସନ୍ତାନ ପାଇଁ ମିଳିବ ୧୨ ହଜାର ଟଙ୍କା। ପୁତ୍ର ସନ୍ତାନ ପାଇଁ ୧୦ ହଜାର ଟଙ୍କା। କେନ୍ଦୁଝର ଜିଲ୍ଲାରେ ଧରଣୀଧର ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ପାଇଁ ଜମି ଲିଜ ଆକାରରେ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଯଶିପୁର ବ୍ଲକରେ ବ୍ୟାରେଜ ନିର୍ମାଣ ହେବ। ଏଥି ପାଇଁ ୯୭କୋଟି ଟଙ୍କାର ଟେଣ୍ଡର ପ୍ରଦାନ କରାଯାଇଛି। ଆଗାମୀ ୩୦ ମାସ ମଧ୍ୟରେ ସରିବ ପ୍ରକଳ୍ପର ନିର୍ମାଣ କାମ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୬୯୫୦ ଏକର ଜମିକୁ ପାଇପଲାଇନରେ ଜଳ ପ୍ରଦାନ କରାଯାଇପାରିବ।

## ଶିକ୍ଷକ ବଦଳି କରିବେ MP-MAL

ଭୁବନେଶ୍ୱର, ୧୪/୫: ଏଣିକି ଶିକ୍ଷକ ବଦଳି ପାଇଁ ସୁପାରିଶ କରି ପାରିବେ ସାଂସଦ ଓ ବିଧାୟକ। ଏଥିପାଇଁ ସାଂସଦ ଏବଂ ବିଧାୟକଙ୍କ ସୁପାରିଶ କ୍ଷମତା ବୃଦ୍ଧି କରାଯାଇଛି। ଗୋଟିଏ ଶିକ୍ଷା ବର୍ଷରେ ନିଜ ନିର୍ବାଚନ ମଣ୍ଡଳୀର ସର୍ବାଧିକ ୧୫ ଜଣଙ୍କୁ ଜିଲ୍ଲା ଭିତରେ ବଦଳି ପାଇଁ ସୁପାରିସ କରିପାରିବେ ସାଂସଦ ଓ ବିଧାୟକ। ଚଳିତ ମାସ ୧୫ରୁ ଜୁନ ୧୫ ତାରିଖ ଭିତରେ ଲୋକସଭା ସାଂସଦ ଓ ବିଧାୟକ ଜିଲ୍ଲାପାଳଙ୍କୁ ତାଲିକା ଦେବେ। ସେହିପରି ରାଜ୍ୟସଭା ସାଂସଦ ମାନେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଲିଷ୍ଟ ପଠାଇବେ। ଆଉ ଏହି ସମୟ ଭିତରେ ହୋଇଥିବା ସୁପାରିଶ ଆଧାରରେ ହିଁ ବଦଳି କରାଯାଇପାରିବ ବୋଲି ଏ ସଂପର୍କିତ ଏକ ଚିଠିରେ ଉଲ୍ଲେଖ କରିଛି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ।



## ଭାରି ପଡ଼ିଲା ପାକିସ୍ତାନ ସହ ବନ୍ଧୁତା

ନୂଆଦିଲ୍ଲୀ, ୧୪/୫: ଅପରେଶନ ସିନ୍ଦୂର ସମୟରେ, ତୁର୍କୀର ପାକିସ୍ତାନ ପ୍ରତି ପ୍ରେମ ତାଙ୍କ ଉପରେ ପ୍ରଭାବ ପକାଉଥିବା ପରି ମନେ ହେଉଛି। ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିବା ପରେ, ଭାରତରେ ତୁର୍କୀ ବୟକଟ ଅଭିଯାନ ଜୋର ଧରିବା ଆରମ୍ଭ କରିଛି ଏବଂ ଏହା ବିରୁଦ୍ଧରେ ବାଣିଜ୍ୟ ଧର୍ମଘଟ ଆରମ୍ଭ ହୋଇଛି। ମହାରାଷ୍ଟ୍ରରୁ ରାଜସ୍ଥାନ ପର୍ଯ୍ୟନ୍ତ ବ୍ୟବସାୟୀମାନେ ତୁର୍କୀରୁ ଆସୁଥିବା ସାମଗ୍ରୀ ବର୍ଜନ କରିବାକୁ ଘୋଷଣା କରିଛନ୍ତି। ଏହା ସହିତ, ପର୍ଯ୍ୟଟକମାନେ ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ତୁର୍କୀକୁ ଘେରି ରହିଥିବା ପୁଣେର ବ୍ୟବସାୟୀମାନେ ସେଠାରୁ ଆମଦାନୀ ହେଉଥିବା ସେଓ ବିକ୍ରୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଏହି ସେଓଗୁଡ଼ିକ ସ୍ଥାନୀୟ ବଜାରରୁ ସମ୍ପୂର୍ଣ୍ଣ ଭାବରେ ଗାଏବ ହୋଇଯାଇଛି ଏବଂ ଗ୍ରାହକମାନେ ମଧ୍ୟ ସେଗୁଡ଼ିକୁ କିଣିବାକୁ ମନା କରିଦେଇଛନ୍ତି। ପୁଣେର ଫଳ ବଜାରରେ ତୁର୍କୀରୁ ଆସୁଥିବା ସେଓର ଅଂଶ ପ୍ରାୟ ୧ ହଜାର କୋଟି ଟଙ୍କାରୁ ୧ ହଜାର ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ। ପୁଣେର ଜଣେ ବ୍ୟବସାୟୀ କହିଛନ୍ତି ଯେ ଆମେ ତୁର୍କୀରୁ ସେଓ ଆମଦାନି ସମ୍ପୂର୍ଣ୍ଣ ବନ୍ଦ କରିଦେଇଛୁ। ଏବେ ଆମେ ହିମାଚଳ, ଉତ୍ତରାଖଣ୍ଡ, ଇରାନ ଏବଂ ଅନ୍ୟାନ୍ୟ ଉତ୍ସରୁ ସେଓ ସଂଗ୍ରହ କରୁଛୁ। ଆମେ ଦେଶପ୍ରେମର ମନୋଭାବ ଏବଂ ସରକାରଙ୍କ ସମର୍ଥନରେ ଏହି ନିଷ୍ପତ୍ତି ନେଇଛୁ। ଏହା ବ୍ୟତୀତ, ଅନ୍ୟ ଜଣେ ବ୍ୟବସାୟୀ କହିଛନ୍ତି ଯେ ତୁର୍କୀ ସେଓର ଚାହିଦା ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି ଏବଂ ଗ୍ରାହକମାନେ ମଧ୍ୟ ଏହାକୁ ଖୋଲାଖୋଲି ବର୍ଜନ କରୁଛନ୍ତି।

# ଆଉ ମିଳିବନି ୫ ଟଙ୍କାରେ ଯାତ୍ରା ସୁବିଧା

ଭୁବନେଶ୍ୱର, ୧୪/୫: ଓଡ଼ିଆ ପରିବାରରେ ମା'ମାନଙ୍କୁ ପରିବାରର ଲକ୍ଷ୍ମୀ ବୋଲି ବିବେଚନା କରାଯାଏ। ଏଥିପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର 'ଲକ୍ଷ୍ମୀ' ବସ୍ ଯୋଜନା ପ୍ରଚଳନ କରିଥିଲେ ଏବଂ ଏଥିରେ ଯାତ୍ରା ନିମନ୍ତେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଦେୟ ଥିଲା ମାତ୍ର ୫ ଟଙ୍କା। ଅପହଞ୍ଚ ଇଲାକାରେ ଏହି ବସ୍‌ସେବା ଯୁଗାନ୍ତକାରୀ ପରିବର୍ତ୍ତନ ସୃଷ୍ଟି କରିଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ 'ଲକ୍ଷ୍ମୀ' ବସ୍ ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ବସ୍ ସେବା ରଖାଯାଇଛି। ମାତ୍ର ବିଡ଼ମ୍ବନା ହେଉଛି ପୂର୍ବରୁ ଏହି ବସ୍‌ରେ ଯାତ୍ରା ପାଇଁ ଧାର୍ଯ୍ୟ ୫ ଟଙ୍କା ଭଡ଼ାକୁ ପରିବର୍ତ୍ତନ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ପୂର୍ବପରି ଆଉ ମହିଳା, ମିଶନଶକ୍ତି ସଦସ୍ୟା, ଛାତ୍ରଛାତ୍ରୀଙ୍କୁ ଏହି ବସ୍‌ରେ ଯାତ୍ରା ପାଇଁ ଆଉ ୫ଟଙ୍କା ନୁହେଁ, ଅଧିକ ଅର୍ଥ ପଇଠ କରିବାକୁ ପଡ଼ିବ । ଗତ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବାର ଅବଧି ୨୦୩୨-୩୩ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଏଥିରେ ମହିଳା, ଦିବ୍ୟାଙ୍ଗ ଓ କିନ୍ନର ଓ ବରିଷ୍ଠ ନାଗରିକମାନଙ୍କୁ ୫୦ ପ୍ରତିଶତ ରିହାତି ମିଳିବ ବୋଲି ଘୋଷଣା କରିଛନ୍ତି। ଅର୍ଥାତ୍ ଯାତ୍ରୀ ଭଡ଼ାର ଅର୍ଦ୍ଧେକ ଅର୍ଥ ମହିଳାଙ୍କୁ ବହନ କରିବାକୁ ପଡ଼ିବ। ସାଧାରଣ ବସ୍‌ରେ ଗୋଟିଏ କିମି ପିଛା ସର୍ବନିମ୍ନ ଟଙ୍କାଟିଏ ଭଡ଼ା ହେଲେ ମଧ୍ୟ ୩୦ କିମି ରାସ୍ତାକୁ ଭଡ଼ା ୩୦ ଟଙ୍କା ହେବ। ଏହି କ୍ରମରେ ପଞ୍ଚାୟତରୁ ୩୦ କିମି ବ୍ଲକ୍ ଦୂରତା ଥିଲେ ମହିଳାମାନଙ୍କୁ ୩୦ ଟଙ୍କା ଅଧା ୧୫ ଟଙ୍କା ଦେବାକୁ ପଡ଼ିବ। ଯାହାକି ପୂର୍ବ ୫ ଟଙ୍କା ତୁଳନାରେ ୩ ଗୁଣା ଅଧିକ ରହିବ। ସେହିପରି ଜିଲ୍ଲା ସ୍ତରରେ ଯାତ୍ରାର ଭଡ଼ା ଆହୁରି ଅଧିକ ବଢ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ବ୍ଲକ୍ ମୁଖ୍ୟାଳୟ ସହ ଯୋଡ଼ିବା ପାଇଁ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ନାମରେ ଅକାଂକ୍ଷୀ ଯୋଜନା ହାତକୁ ନେଇଥିଲେ। ୨୦୨୩ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରତି ପଞ୍ଚାୟତରୁ ବ୍ଲକ୍ ଓ ବ୍ଲକରୁ ଜିଲ୍ଲାକୁ ବସ୍ ସେବା ବ୍ୟବସ୍ଥା ହୋଇଥିଲା। ଏହି ସେବା ଦ୍ୱାରା ବିଶେଷକରି ଆଦିବାସୀ ବହୁଳ ଅଞ୍ଚଳରେ ବହୁ ଯାତ୍ରୀ ଉପକୃତ ହୋଇ ଆସୁଛନ୍ତି। ଆନ୍ତଃ ବ୍ଲକ୍ ଏବଂ ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ବସ୍ ଚଳାଚଳ ଆରମ୍ଭ ହୋଇଥିବାରୁ କୃଷକ, ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ, ସାଧାରଣ ଲୋକେ ବହୁ ସହଜରେ ଯାତାୟତ କରି ପାରୁଛନ୍ତି। ବିଶେଷକରି ମହିଳା ସଶକ୍ତୀକରଣ ଦିଗରେ ଏହା ବଡ଼ ପଦକ୍ଷେପ ସାଜିଛି। ରାଜ୍ୟର ସବୁ ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜ କାରବାର ବିସ୍ତାର କରୁଥିବା ବେଳେ ଉତ୍ତମ ଗମନାଗମନ ବ୍ୟବସ୍ଥା ସୁନିଶ୍ଚିତ ଲକ୍ଷ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବା ଆରମ୍ଭ କରିଥିଲେ। ଏବେ ଏହି ଯୋଜନାର ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଗଲା ଭଳି ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଯୋଜନା ଅନ୍ତର୍ଗତ ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବାର ଶୁଭାରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସବୁ ଜିଲ୍ଲାକୁ ବିସ୍ତାର ହୋଇପାରି ନାହିଁ। ଏହି ବସ ଗୁଡ଼ିକ ଜିଲ୍ଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବାର ଯୋଜନା ରହିଥିଲା। ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ରେ ମହିଳାମାନଙ୍କ ପାଇଁ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିଥିଲା। ରାଜ୍ୟର ୩୦ଟି ଜିଲ୍ଲାରୁ ୮୦ଟି ସୁପର ପ୍ରିମିୟମ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବାର ଯୋଜନା ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୨ ଜିଲ୍ଲାରୁ ଏହି ସେବା ଆରମ୍ଭ ହୋଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା ସବୁ ଜିଲ୍ଲାରୁ ଆରମ୍ଭ ହୋଇପାରି ନାହିଁ।



# ନଗଡ଼ା ସ୍ଥିତି ପରଖିଲେ ମୁଖ୍ୟ ଶାସନ ସଚିବ



ଯାଜପୁର,୧୪/୫: ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଆଜି ଯାଜପୁର ଜିଲ୍ଲା ଗସ୍ତରେ ଆସି ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ଗସ୍ତକରି ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଧୁଧୁ ଖରାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବଶ୍ରୀ ଗିରୀଶ ଏସ୍‌ଏନ୍, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ବୀନିତ ଭରଦ୍ୱାଜ ଓ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସହିତ ଘରକୁ ଘର ବୁଲି ନଗଡ଼ାବାସୀଙ୍କ ଭଲମନ୍ଦ ବୁଝିଛନ୍ତି।ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଉପସ୍ଥିତ ରହି ନଗଡା ଅଂଚଳରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ।ମୁଖ୍ୟ ଶାସନ ସଚିବ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାଧାରଣ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଉପର ନଗଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ଗ୍ରାଉଣ୍ଡ ଜିରୋ ସମୀକ୍ଷା କରିଥିଲେ। ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘର ବାବଦକୁ କିଛି ହିତାଧିକାରୀ ୬୦ ପ୍ରତିଶତ କାର୍ଯ୍ୟ ଦେଖି ମୁଖ୍ୟ ଶାସନ ସଚିବ ଉଦବେଗ ପ୍ରକାଶ କରିଥିଲେ। ଯଥାଶୀଘ୍ର ସଂପୂର୍ଣ୍ଣ ଘର ପାଇଁ ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଅଶୋକ କୁମାର ବେହୁରିଆ ଓ ବିଡିଓ ପ୍ରଦୀପ୍ତ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନଯାଇ ନିଜ ଘରେ ସନ୍ତାନ ପ୍ରସବ କରି ପ୍ରତିଷେଧକ ଟିକା ନେଇନଥିବା ଶିକର ପ୍ରଧାନଙ୍କ ପତ୍ନୀ ସୁବାଙ୍କୁ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମମତା ଯୋଜନାରେ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବଳରାମ ମିଶ୍ର ଓ ମୁଖ୍ୟଯନ୍ତ୍ରୀ ଇଂ ରତ୍ନାକର ସାହୁଙ୍କ ଉପସ୍ଥିତିରେ ଯୋଗାଣ ପାନୀୟଜଳର ମାନ ଏବଂ ଏଥିରେ ଥିବା ଫ୍ଲୋରାଇଡର ମାତ୍ରା ସମ୍ପର୍କରେ ଅବଗତ ହୋଇଥିଲେ। କଟିକିଆ ପ୍ରଧାନଙ୍କ ଘରକୁ ଯାଇ ଶସ୍ୟ ସଂରକ୍ଷଣ ପଦ୍ଧତି ଓ ଜୁଆଙ୍ଗ ଚଳଣି ଦେଖିଥିଲେ। ଗ୍ରାମବାସୀଙ୍କ ସ୍ନାନଶୌଚ ପାଇଁ ପୋଖରୀ ଖୋଳାଇବା ଦାବି ଆଧାରରେ ଗାଁ ଉପର ମୁଣ୍ଡ ଝର ଜାଗାରେ ବାସ୍ତବ ସ୍ଥିତି ଅନୁଧ୍ୟାନକରି ପଦକ୍ଷେପ ନେବା ପାଇଁ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାଂଶ ମହିଳା ସୁଭଦ୍ରା ଟଙ୍କାରେ ଛେଳି ଓ କୁକୁଡ଼ା ପାଳନ କରୁଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନ ଆଧାରରେ ଚାଷଜମି ପଟ୍ଟା ପ୍ରଦାନ ପାଇଁ ଜିଲ୍ଲାପାଳ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଡିଏଫ୍‌ଓ ଅନିଲ ରାୟ ଓ ଏସିଏଫ୍ ସନ୍ତୋଷ କୁମାର ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ନିତ୍ୟାନନ୍ଦ ବାରିକ ଓ ବିଇଓ ନାରାୟଣ ଦାସଙ୍କୁ ନେଇ ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ପରିଦର୍ଶନରେ ସ୍କୁଲ ପରିଚାଳନା ସମିତି ସଭାପତି କୃପା ପ୍ରଧାନ ଓ ଚୁକୁଲି ପ୍ରଧାନ ଜୁଆଙ୍ଗ ଭାଷା ?ରେ ପାଠପଢ଼ା, ସ୍କୁଲ ପାଚେରି ଓ ଝରଣା ପାଣି ସଂରକ୍ଷଣ ଦାବି କରିଥିଲେ। କେତେକ ପିଲା ସ୍କୁଲରେ ନିୟମିତ ଅନୁପସ୍ଥିତ ରହୁଥିବା ଜାଣି ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ଦେଓଗାଁରେ ଅବ୍ୟବହୃତ ଥିବା ୨ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ ବୁଲି ତୁରନ୍ତ କାର୍ଯ୍ୟକ୍ଷମ ଦିଗରେ ଡିଡବ୍ଲ୍ୟୁଓ ଶରତ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ କମଳ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟ ଶାସନ ସଚିବ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଏହାର ଉନ୍ନତୀକରଣ ପାଇଁ ସିଡିଏମ୍‌ଓ ଡା. ପ୍ରକାଶ ଚନ୍ଦ୍ର ବଳ, ଅଧୀକ୍ଷକ ଡା. ଜୟଦେବ ନନ୍ଦ ଓ ଡିପିଏମ୍ ବିଶ୍ୱରଞ୍ଜନ ରଥଙ୍କୁ ପରାମର୍ଶ ଦେଇଥିଲେ। ଡିଏସ୍‌ଡବ୍ଲ୍ୟୁଓ ପାର୍ବତୀ ସାହୁ, ଡିଏସ୍‌ଏସ୍‌ଓ ରବୀନ୍ଦ୍ରନାଥ ବେହେରା, ସହକାରୀ ନିର୍ଦ୍ଦେଶକ(ଉଦ୍ୟାନ) ରାଧେଶ୍ୟାମ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଅବିନାଶ ବାରିକ ଓ ଡିଏମ୍‌ଏଫ୍ ଟିମ୍ ଲିଡର ଡ. ସତ୍ୟ ସ୍ୱରୂପ ପଣ୍ଡା ଓ ଆଶୀର୍ବାଦ ନାୟକ, ଓମ୍ବାଡସି ଶିକ୍ଷା ଅଧିକାରୀ ଦୀପକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ବି ନଗଡା ସ୍ତିତି ବଦଳି ନାହିଁ ବହୁ ସମସ୍ୟା ଲାଗି ରହିଛି କେବଳ ରାସ୍ତା ଘାଟ ର ଉନ୍ନତି ରହିଛି।

# ମୟୂରଭଞ୍ଜ ହେବ ଶିଳ୍ପ ସମୃଦ୍ଧ: ମୁଖ୍ୟମନ୍ତ୍ରୀ



ବିଶୋଇ,୧୪/୫: ମୟୂରଭଞ୍ଜ ଜିଲା ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଜିଲାର ବିଭିନ୍ନ ବ୍ଲକ ପାଇଁ ୪୨୦.୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଛନ୍ତି। ଏଥିସହିତ ବିଶୋଇ ବ୍ଲକ ସଦର ମହକୁମାରେ ଏକ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ସହ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମଙ୍ଗଳବାର ବିଶୋଇ ମିନି ଷ୍ଟାଡିଅମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୩୨୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଉଦଘାଟନ ଏବଂ ୯୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୟୂରଭଞ୍ଜ ଜିଲା ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଏ ସମସ୍ତ ପ୍ରକଳ୍ପ ରାଇରଙ୍ଗପୁର, କୁସୁମୀ, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଅଞ୍ଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ବୃହତ୍ ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି। ସେ ପୁଣି କହିଥିଲେ ଯେ, ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ସମର୍ଥ ହୋଇଛୁ। ଏହି ସ୍ୱଳ୍ପ ସମୟରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ହେଉ କିମ୍ବା ମା'ମାନଙ୍କ ପାଇଁ ସୁଭଦ୍ରା ଯୋଜନା, ଚାଷୀ ଭାଇଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ ନିଷ୍ପତ୍ତି ସରକାର ଗଠନର ମାତ୍ର ୨୪ ମିନିଟରେ ନେଇଥିଲୁ, ଯାହା ଗତ ୨୪ ବର୍ଷ ଧରି ରାଜ୍ୟରେ ଚାଲିଥିବା ପୂର୍ବ ସରକାର କରି ନଥିଲା। ସୁଭଦ୍ରା ଓ ଚାଷୀଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି। ସୁଭଦ୍ରା ଯୋଜନାରେ ଆଜି ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟର ୧୭ ଲକ୍ଷ ମହିଳା ଆଜି ଲକ୍ଷପତି ଦିଦି ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟ ରଖିଛନ୍ତି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ମୟୂରଭଞ୍ଜ ଜିଲା ସମେତ ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହା ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର ନୂତନ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନର ବ୍ୟବସ୍ଥା କରୁଛନ୍ତି ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି '୩୬ ପାଇଁ ୩୬'। ଆପଣଙ୍କ ସହଯୋଗରେ, ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ଉଦ୍ୟମରେ ଆମେ ଗଢ଼ିବୁ ସମୃଦ୍ଧ ଓଡ଼ିଶା। ଏହା ହେବ ଆମ ସମସ୍ତଙ୍କର ସ୍ୱପ୍ନର ଓଡ଼ିଶା। ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକଙ୍କ କନ୍ୟା ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଉପଦ୍ରବ, ଭାଙ୍ଗିଲେ ସ୍କୁଲ ପାଚେରୀ ଓ ଫାଟକ

ରାଇକିଆ,୧୪/୫: କନ୍ଧମାଳ ଜିଲା ରାଇକିଆ ବ୍ଲକ୍ ରଣବା ପଞ୍ଚାୟତରେ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ମଧ୍ୟ ରାତ୍ରିରେ ରଣବା ପଞ୍ଚାୟତର ଡିମିରିପଲି ଗ୍ରାମରେ ଥିବା ଏକ ସରକାରୀ ୟୁପି ସ୍କୁଲର ଗୋଟିଏ ସାଇଡ଼ ପାଚେରୀ ଗେଟ୍ ଫାଟକ ଭାଙ୍ଗିରୁଜି ଦେଇଛନ୍ତି ହାତୀ ପଲ। ଭିତରେ ପଶି ଗୋପବନ୍ଧୁଙ୍କ କକ୍ଷର ଲୁହା କବାଟକୁ ମଧ୍ୟ ହାତୀ ଧକା ମାରି ଚେପା କରିଦେଇଛନ୍ତି।ଗତ କିଛି ଦିନ ଧରି ହେବ ବ୍ଲକର ଏହି ସବୁ ଅପହଞ୍ଚ,ଘଞ୍ଚ ଜଙ୍ଗଲ ଇଲାକାରେ ହାତୀଙ୍କ ଉପଦ୍ରବ ବୃଦ୍ଧି ହେଉଥିବା ଯୋଗୁଁ ଅନେକ ଲୋକଙ୍କ ଧାନ,ଫସଲ, ଘର ଭାଙ୍ଗି ନଷ୍ଟ କରିଦେଉଛନ୍ତି। ଏନେଇ ଲୋକେ ଭୟଭୀତ ହୋଇ ରହୁଛନ୍ତି।ରଣବା ରେଞ୍ଜର ବନ ବିଭାଗ କର୍ମଚାରୀ, ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ଘଉଡ଼ାଉଛନ୍ତି। ଫରେଷ୍ଟର ରବିନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଭିକାରୀ ମଲ୍ଲିକଙ୍କଠାରୁ ସୂଚନା ମିଳିଛି।

## ଅଗ୍ନିକାଣ୍ଡରେ ଜଳିଗଲା ଗୋଟିଏ ପରିବାରର ୩ ବଖରା ଘର

ଆନନ୍ଦପୁର,୧୪/୫: କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କୋଡାପଡାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଗୋଟିଏ ପରିବାରର ୩ ବଖରା ଘର ଜଳି ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗାଁର ଶୁକଦେବ ଓଝା ପରିବାର ଲୋକଙ୍କ ସହ ଘରେ ଶୋଇଥିବାବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡ ରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଛି ।

## ମଦ ନେଲା ୩ ଜୀବନ

### ନିଶାରେ ୩ ଶଳାଙ୍କୁ ମାରିଦେଲା ଭିଣୋଇ



ମାଲକାନଗିରି/ଚିତ୍ରକୋଣ୍ଡା,୧୪/୫: ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ସିଲେରୁ ନିକଟ ଚିନ୍ତାପଲ୍ଲୀ ଗାଁରେ ଟ୍ରିପଲ୍ ମର୍ଡର ଘଟିଛି। ନିଶାଗ୍ରସ୍ତ ଭିଣୋଇ ନିଜର ୩ ଶାଳକଙ୍କୁ ଧାରୁଆ ଅସ୍ତ୍ର ଓ ଧନୁତୀରରେ ଆକ୍ରମଣ କରି ନିର୍ମମ ଭାବେ ହତ୍ୟା କରିଛି। ମୃତକ ୩ଜଣ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ କୋପାଗୁଡ଼ା ଗ୍ରାମର ରାଜୁ ଖେମୁଡୁ, କୁଞ୍ଜ ଖେମୁଡୁ ଓ କ୍ରିଷ୍ଣା ଖେମୁଡୁ ବୋଲି ଜଣାପଡ଼ିଛି। ଖବର ଜଣାପଡ଼ିବା ପରେ ଚିତ୍ରକୋଣ୍ଡା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ସିଲେରୁ ଥାନାରେ ମାମଲା ରୁଜୁ ହୋଇଛି ଓ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଆନ୍ଧ୍ରର ଚିନ୍ତାପଲ୍ଲୀ ଗ୍ରାମରେ କୋପାଗୁଡ଼ା ଗ୍ରାମର ମୃତ ରାଜୁ ଖେମୁଡୁଙ୍କ ଭଉଣୀ ବିବାହ କରିଛନ୍ତି। ଭଉଣୀଙ୍କ ଶ୍ୱଶୁର ଘରେ କୌଣସି ବ୍ୟକ୍ତିଙ୍କ ଦେହାନ୍ତ ପରେ ତିନି ଭାଇ ରାଜୁ, କୁଞ୍ଜ ଓ କ୍ରିଷ୍ଣା ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ସେଠାକୁ ଯାଇଥିଲେ। ଦଶାହ କାର୍ଯ୍ୟ ସରିବା ପରେ ରବିବାର ରାତିରେ ଭିଣୋଇ ଘେନୁ ହନ୍ତାଳ ନିଶାଗ୍ରସ୍ତ ଅବସ୍ଥାରେ ପତ୍ନୀଙ୍କ ସହିତ ଗଣ୍ଡଗୋଳ କରିବା ସହିତ ମାରପିଟ କରିଥିଲା। ଭଉଣୀ ସହିତ କାହିଁକି ମାରପିଟ କରୁଛ କହି ୩ଭାଇ ବିରୋଧ କରିଥିଲେ। ଏଥିରେ ଘେନୁ ଉତ୍ୟକ୍ତ ହୋଇ ମାରଣାସ୍ତ୍ରରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବା ଫଳରେ କୁଞ୍ଜ ଓ ରାଜୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପରେ କ୍ରିଷ୍ଣାଙ୍କୁ ତୀର ମାରିବାରୁ ସେ ଗୁରୁତର ଆହତ ହୋଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚିନ୍ତାପଲ୍ଲୀ ଏଏସ୍‌ପି ନବଜ୍ୟୋତି ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

# ଜଳିଗଲାଣି ୪୫୭୫ ହେକ୍ଟର ଜଙ୍ଗଲ

## ୨୦୨୪ ତୁଳନାରେ ଅଧିକ ଜଙ୍ଗଲ ପ୍ରଭାବିତ, ରାୟଗଡ଼ା ଡିଭିଜନ୍‌ରେ ସର୍ବାଧିକ ୨,୦୧୧ ବନାଗ୍ନି



ଭୁବନେଶ୍ୱର,୧୪/୫: କାଳବୈଶାଖୀ ପ୍ରଭାବ ଲାଗି ରହିଥିଲେ ମଧ୍ୟ ଓଡ଼ିଶାରେ ଜଙ୍ଗଲ ନିଆଁ ବୃଦ୍ଧି ପାଇଛି। ୨୦୨୪ ତୁଳନାରେ ଏଥର ଅଧିକ ସ୍ଥାନରେ ନିଆଁ ଲାଗିବା ସହ ବ୍ୟାପକ ଜଙ୍ଗଲ ଜଳି ପୋଡ଼ି ପାଉଁଶ ହୋଇଛି। ନିଆଁ ରୋକିବାକୁ ବନ ବିଭାଗର ସମସ୍ତ ପ୍ରୟାସ ସତ୍ତ୍ୱେ ଜାନୁଆରି ପହିଲାରୁ ଏପର୍ଯ୍ୟନ୍ତ ୨୯,୧୬୫ ବନାଗ୍ନି ଦ୍ୱାରା ୪୫୭୫.୧୧ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଛି। ଯେତେବେଳେ କି ୨୦୨୪ରେ ୨୨,୮୬୮ ସ୍ଥାନରେ ବନାଗ୍ନି ସୃଷ୍ଟି ହେବା ସହ ୪,୦୬୭.୦୫ ହେକ୍ଟର ଜଙ୍ଗଲ ଜଳି ଯାଇଥିଲା। ଏବର୍ଷ ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, କଳାହାଣ୍ଡି ପରି ଜିଲ୍ଲା ବନାଗ୍ନି ଦ୍ୱାରା ଅଧିକ ପ୍ରଭାବିତ ହୋଇସାରିଛି। ଆହୁରି ମାସକ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଲାଗିରହିବାକୁ ଥିବାରୁ ବ୍ୟାପକ ଜଙ୍ଗଲ ଜଳିବାର ଆଶଙ୍କା ପ୍ରକାଶ ପାଇଛି। କୋରାପୁଟ ସର୍କଲର ରାୟଗଡ଼ା ଡିଭିଜନ୍‌ରେ ସର୍ବାଧିକ ୨,୦୬୩ ବନାଗ୍ନି ଚିହ୍ନଟ ହେବା ସହ ସର୍ବାଧିକ ପ୍ରଭାବିତ ହୋଇଛି। ଏହା ତଳକୁ ବ୍ରହ୍ମପୁର ସର୍କଲର ଫୁଲବାଣୀ ଡିଭିଜନ୍‌ରେ ୧,୮୦୫, ବାଲିଗୁଡ଼ାରେ ୧,୭୩୫, ରାଉରକେଲା ସର୍କଲର ସୁନ୍ଦରଗଡ଼ ଡିଭିଜନ୍‌ରେ ୧,୫୬୬, ଦେବଗଡ଼ ଡିଭିଜନ୍‌ରେ ୧,୩୫୧, କୋରାପୁଟ ସର୍କଲର ନବରଙ୍ଗପୁରରେ ୧,୨୪୬, ଭବାନୀପାଟଣା ସର୍କଲର ଖଡ଼ିଆଳରେ ୧,୨୧୭, ବ୍ରହ୍ମପୁର ସର୍କଲର ପାରଳାଖେମୁଣ୍ଡିରେ ୧,୧୮୯, ବୌଦ୍ଧରେ ୧,୧୬୩, ସମ୍ବଲପୁର ସର୍କଲର ବାମରା ବନ୍ୟପ୍ରାଣୀ ଡିଭିଜନ୍‌ରେ ୧,୦୬୧, କୋରାପୁଟ ସର୍କଲର ମାଲକାନଗିରିରେ ୧,୦୪୧, ଭବାନୀପାଟଣା ସର୍କଲର କଳାହାଣ୍ଡି ଦକ୍ଷିଣରେ ୧,୦୨୬ଟି ବନାଗ୍ନି ହୋଇଛି। ଅଧିକାଂଶ ଡିଭିଜନ୍‌ରେ ବନାଗ୍ନି ରୋକିବାରେ ବନ ବିଭାଗକୁ ଶତ ପ୍ରତିଶତ ସଫଳତା ମିଳିଛି। ଜାନୁଆରି ପହିଲାରୁ ମେ' ୫ ମଧ୍ୟରେ ରାଜ୍ୟରେ ୨୯,୧୬୫ ବନାଗ୍ନି ହୋଇଛି। ଜଙ୍ଗଲ ଭିତରେ ୨୦,୪୮୪ ଓ ଜଙ୍ଗଲ ବାହାରେ ୮,୬୮୧ଟି ଜଙ୍ଗଲ ନିଆଁ ସାମନାକୁ ଆସିଥିଲା। ଏବେ ସୁଦ୍ଧା ୯୯.୯୭% ନିଆଁ ଆୟତ୍ତ ହୋଇଛି ଏବଂ ୪୫୭୫.୧୧ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଓଡ଼ିଶାରେ ୮,୨୫୯ଟି ବଡ଼ଧରଣର ଜଙ୍ଗଲ ନିଆଁ ସାମନାକୁ ଆସିଛି। ଚଳିତମାସରେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ରେଞ୍ଜର ରଘୁବାରି ବିଟ୍, କନ୍ଧମାଳ ଜିଲ୍ଲାର ବେଲଘର ରେଞ୍ଜ୍‌ର ଝିରିପାଣି ବିଟ୍, ସିମାନବାଡ଼ି ରେଞ୍ଜର ତିଲୋରି ବିଟ୍, ଦେବଗଡ଼ ଜିଲ୍ଲାର ବା ?ରକୋଟ ରେଞ୍ଜର ସଇଡା ବିଟ୍‌ରେ ବଡ଼ଧରଣର ଜଙ୍ଗଲ ନିଆଁ ସାମନାକୁ ଆସିଛି। ଯାହାକୁ ବନ ବିଭାଗ ପକ୍ଷରୁ ନିୟନ୍ତ୍ରଣ କରାଯାଇଥିବା ସୂଚନା ଦିଆଯାଇଛି। ଆଜି ୧୦୬ଟି ସ୍ଥାନରେ ବନାଗ୍ନି ଚିହ୍ନଟ ହେବା ସହ ୯୯ଟିକୁ ନିୟନ୍ତ୍ରଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚିନ୍ତାର କାରଣ ହେଉଛି, ବନାଗ୍ନି ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟ ହେବା। ୨୦୨୧ରେ ରାଜ୍ୟରେ ସର୍ବାଧିକ ବନାଗ୍ନି ହେବା ସହ ୨୮,୫୬୯ ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇ ଯାଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ଜଙ୍ଗଲ ନିଆଁର ପ୍ରଭାବ କମିଥିଲେ ମଧ୍ୟ ନିୟନ୍ତ୍ରଣ ଭିତରକୁ ଆସିପାରି ନାହିଁ। ୨୦୨୨ରେ ୨୮,୭୫୫ଟି ନିଆଁ ସାମନାକୁ ଆସିଥିଲା। ଯେଉଁଥିରେ ଜଙ୍ଗଲ ଭିତରେ ୨୧,୯୯୬ ଓ ବାହାରେ ୬,୭୫୯ଟି ଚିହ୍ନଟ ହୋଇଥିଲା। ଏହି ନିଆଁ ଦ୍ୱାରା ୮,୪୧୪.୫୫ ହେକ୍ଟର ଜଙ୍ଗଲ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ୨୦୨୩ରେ ନିଆଁ ପୁଣି ବଢ଼ିବା ସହ ୩୬,୭୧୩ରେ ପହଞ୍ଚିଥିଲା ଏବଂ ୯,୫୫୦.୮୬ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିଲା। ଚଳିତ ବର୍ଷର ଜଙ୍ଗଲ ନିଆଁ ଗତବର୍ଷ ନିଆଁକୁ ଟପିଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମଧ୍ୟପ୍ରଦେଶରେ ସର୍ବାଧିକ ୩୧ହଜାର ୬୨୪ଟି ନିଆଁ ଚିହ୍ନଟ ସହ ଶୀର୍ଷରେ ରହିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

# ଏଟିଏମ୍ ଭାଙ୍ଗି ଟଙ୍କା ଲୁଟି ନେଲେ ଲୁଟେରା

ବାଲେଶ୍ୱର,୧୪/୫: ବାଲେଶ୍ୱରରେ ମାତିଲେ ଏଟିଏମ୍ ଲୁଟେରା । ଏଟିଏମ୍ ଭାଙ୍ଗି ଲୁଟି ନେଲେ ଟଙ୍କା । ରବିବାର ବିଳମ୍ବିତ ରାତିରେ ବାଲେଶ୍ୱରର ସଦର ଥାନା ଅନ୍ତର୍ଗତ ପଦ୍ମପୁର ଛକରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଏହି ଲୁଟ୍ ହୋଇଛି । କେତେ ଟଙ୍କା ଲୁଟ୍ ହୋଇଛି ତାହାର କୌଣସି ସ୍ପଷ୍ଟତା ମିଳି ନାହିଁ । ଲୁଟ୍ ନେଇ ସ୍ଥାନୀୟଲୋକେ ପୁଲିସକୁ ଖବର ଦେବା ପରେ ସଦର ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଶୋଷ ମେଣ୍ଟାଇବାକୁ ପାଣି ନିଅଣ୍ଟ

## ୩୭%ରୁ କମ୍ ଗାଁକୁ ପାଇପ୍ ପାନୀୟଜଳ ଯୋଗାଣ



ଭୁବନେଶ୍ୱର,୧୪/୫: ବିକଶିତ ଓଡ଼ିଶା ପାଇଁ ଯୋଜନା ପରେ ଯୋଜନା ଘୋଷଣା କରାଯାଉଛି। ଅଥଚ ନଦୀନାଳଘେରା ଆମ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ ହୋଇ ପାରିନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଏବେ ସୁଦ୍ଧା ୨୦ ହଜାର ୧୪୦ଟି ଗ୍ରାମକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ହୋଇଛି। ରାଜ୍ୟର ୩୧୪ ବ୍ଲକ୍‌ର ସର୍ବମୋଟ ୫୩ ହଜାର ୮୪୫ଟି ଗ୍ରାମ ରହିଛି। ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ମାତ୍ର ୩୭.୪ ଭାଗ ଗ୍ରାମରେ ପାନୀୟ ଜଳ ପହଞ୍ଚିଛି। ଏପରିକି ସରକାରୀ କାଗଜପତ୍ରରେ ପାନୀୟଜଳ ଯୋଗାଣ ହେଉଥିବା ଅନେକ ଗ୍ରାମବାସୀଙ୍କ ନିକଟରେ ପାନୀୟଜଳ ପହଞ୍ଚିପାରୁନାହିଁ। ବର୍ଷବର୍ଷ ଧରି ବସୁଧା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ୧୦ବର୍ଷ ହେଲା ଆରମ୍ଭ ହୋଇଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପ ଅଧାରେ ଆଣ୍ଠେଇଛି। ହଜାରହଜାର ନଳକୂପ ଅଚଳ। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ପାହାଡ଼ିଆ ଅଞ୍ଚଳରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ଅନେକ ସମୟରେ ଅଚଳ। ବର୍ଷାଦିନରେ ଯେନତେନ ପ୍ରକାରେ ଲୋକମାନେ ବର୍ଷାଜଳ, ନଦୀନାଳ, କୂଅ ଓ ପୋଖରୀ ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରି ଚଳିଯାଉଛନ୍ତି। ଅଥଚ ପ୍ରତିବର୍ଷ ଭଳି ଗ୍ରୀଷ୍ମଦିନରେ ନଦୀନାଳ ଓ ଝରଣା ଶୁଖିଯାଉଥିବାରୁ ଲୋକମାନଙ୍କ ଠାରୁ ଆରମ୍ଭ କରି ଗୃହପାଳିତ ଓ ବନ୍ୟ ପ୍ରାଣୀ ପିଇବା ପାଣି ପାଇଁ ତହଳବିକଳ ହେଉଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଭଳି ଜିଲ୍ଲାରେ ରାଜ୍ୟର ସର୍ବନିମ୍ନ ୨୬ଟି ଗ୍ରାମକୁ ପାଇପ୍‌ରେ ପିଇବା ପାଣି ଯୋଗାଣ ହେଉଛି। ଅଥଚ ଏଠାରେ କୋଇଲା ଖଣି ଓ ଶିଳ୍ପାନୁଷ୍ଠାନଗୁଡ଼ିକର ବିଭିନ୍ନ ଅନୁଦାନଠାରୁ ଆରମ୍ଭ କରି କୋଟିକୋଟି ଟଙ୍କାର ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ଦେବଗଡ଼ରେ ୪୪ଟି, ମାଲକାନଗିରିରେ ୫୬ଟି ଗାଁ ଓ ସମ୍ବଲପୁର ପରି ଜିଲ୍ଲାରେ ମାତ୍ର ୭୭ଟି ଗାଁକୁ ୨୦୨୪ ସୁଦ୍ଧା ପାଇପ୍‌ରେ ପିଇବା ପାଣି ଯୋଗାଣ ହେଉଥିବାର ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ସର୍ବାଧିକ ଅଞ୍ଚଳକୁ ପାଇପ୍ ଜଳଯୋଗାଣ ହେଉଥିବାର ଦର୍ଶାଯାଉଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଗଞ୍ଜାମର ୧୮୮୩ଟି, କନ୍ଧମାଳରେ ୧୮୩୩ଟି ଓ କଟକରେ ୧୭୨୯ଟି ଗ୍ରାମ ଦର୍ଶାଯାଇଛି। ଏହି ତଥ୍ୟକୁ ଭିତ୍ତି କରି ରାଜ୍ୟର ୩୦ଟି ଜିଲ୍ଲାର ମୋଟ ୨୦,୧୪୦ଟି ଗାଁକୁ ପାଇପ୍‌ରେ ଜଳ ଯୋଗାଣ ହେଉଥିବାର ଦର୍ଶାଯାଉଛି। ଏହି ତଥ୍ୟ ସତ୍ତ୍ୱେ ୬୨.୬୦ଭାଗ ଗ୍ରାମାଞ୍ଚଳକୁ ଜଳ ଯୋଗାଣ ହୋଇପାରିନାହିଁ। ବର୍ଷବର୍ଷ ଧରି ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଚାଲିଛି। ପାନୀୟ ଜଳଯୋଗାଣକୁ ତ୍ୱରାନ୍ୱିତ କରୁଥିବା ବିଭାଗଗୁଡ଼ିକର ସ୍ଥାଣୁତା ହିଁ ରାଜ୍ୟବାସୀଙ୍କର ଶୋଷ ମେଣ୍ଟାଇବାରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଏହା ଉପରେ ତ୍ୱରାନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ଦାବି ହୋଇଆସୁଛି।

# ପଛୁଆବର୍ଗଙ୍କ ପାଇଁ ଯୋଜନା ନାହିଁ: ସରକାର ବଦଳୁଛି, ସ୍ଥିତି ବଦଳୁନି

ଭୁବନେଶ୍ୱର,୧୪/୫: ରାଜ୍ୟରେ ୫୪% ଓବିସି/ଏସ୍‌ଇବିସି ବର୍ଗର ଲୋକ ଅଛନ୍ତି। ସେମାନଙ୍କୁ ସରକାର ଶିକ୍ଷା, ନିଯୁକ୍ତି ସବୁଥିରେ ୨୭% ସଂରକ୍ଷଣ ଦିଅନ୍ତୁ। ଗତ ବର୍ଷକ ତଳେ ବିଜେଡିକୁ ଛାଡ଼ି ସବୁ ରାଜନୈତିକ ଦଳ ଓ ବିଭିନ୍ନ ସଂଗଠନ ଏଭଳି ଦାବି କରୁଥିଲେ। ଏବେ ବିଜେପିକୁ ଛାଡ଼ି ସମସ୍ତ ରାଜନୈତିକ ଦଳ ଏ ଦାବି ଦୋହରାଉଛନ୍ତି। ପଛୁଆବର୍ଗ ସବୁ କ୍ଷେତ୍ରରେ ପଛରେ ପଡ଼ିଯାଇଥିବା କହି ବିଭିନ୍ନ ରାଜନୈତିକ ଦଳ ଗଳାଫଟା ଚିତ୍କାର କରୁଛନ୍ତି। ହେଲେ ବାସ୍ତବ ଚିତ୍ର ଅଲଗା। ରାଜ୍ୟର ଅଧାରୁ ଅଧିକ ଲୋକ ଯେଉଁ ବର୍ଗର ବୋଲି ଦାବି କରାଯାଉଛି ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ସ୍ୱତନ୍ତ୍ର ଯୋଜନା କିଛି ନାହିଁ। ନା ପୂର୍ବ ସରକାରରେ ଓବିସି ଫୋକସ୍‌ରେ ଥିଲେ ନା ନୂଆ ସରକାର ଏ ସଂକ୍ରାନ୍ତରେ କିଛି ଠୋସ୍ ପଦକ୍ଷେପ ନେଲେଣି। ଏବେ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ନିଷ୍ପତ୍ତି ନେବା ପରେ ଏହି ପ୍ରସଙ୍ଗଟି ପୁଣି ଥରେ ଚର୍ଚ୍ଚାକୁ ଆସିଛି। ୨୦୨୩ ମସିହାରେ ଓଡ଼ିଶା ରାଜ୍ୟ ପଛୁଆବର୍ଗ କମିସନଙ୍କ ସର୍ଭେ ଅନୁଯାୟୀ (ଏଯାଏଁ ଉପସ୍ଥାପନ ହୋଇନାହିଁ) ରାଜ୍ୟରେ ୩୯.୩୧% ଓବିସି/ଏସ୍‌ଇବିସି ବର୍ଗର ଲୋକ ଅଛନ୍ତି। ଏଥିରୁ ମାତ୍ର ୨.୮% ସରକାରୀ ଚାକିରି ଓ ୧.୩% ବୃତ୍ତିଗତ ଚାକିରି କରିଛନ୍ତି। ଅନ୍ୟାନ୍ୟ କ୍ଷେତ୍ରରେ ୨୫.୨% ନିୟୋଜିତ ଅଛନ୍ତି। ୧୯.୩% ନିଜ ଜମିରେ ଚାଷ କରୁଛନ୍ତି। ଏହି ସର୍ଭେ ଦର୍ଶାଇଛି ଯେ ଏବେ ବି ପଛୁଆବର୍ଗର ଲୋକ ଶିକ୍ଷା ଏବଂ ସାମାଜିକ କ୍ଷେତ୍ରରେ ପଛୁଆ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗରେ କେବଳ ନାମକୁ ମାତ୍ର 'ପଛୁଆବର୍ଗ' ଯୋଡ଼ା ହେଲା ଭଳି ଅଛି। କାରଣ ଏହି ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗତବର୍ଷ ତୁଳନାରେ ୧୨% ଅଧିକ ଅର୍ଥାତ୍ ୬୪୩୬ କୋଟି ୯ଲକ୍ଷ ୯୨ହଜାର ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛି। ମାତ୍ର ଏଥିରୁ ରାଜ୍ୟ ସରକାରଙ୍କ ଯୋଜନା ଭାବେ ଓବିସି/ଏସ୍‌ଇବିସିଙ୍କ ପାଇଁ ମାତ୍ର ଗୋଟିଏ ଯୋଜନା ଅଛି। ତାହା ହେଲା ପଛୁଆବର୍ଗଙ୍କ ଦକ୍ଷତା ବୃଦ୍ଧି ତାଲିମ୍। ଏଥିପାଇଁ ୧କୋଟି ୩୫ଲକ୍ଷ ଟଙ୍କା ବରାଦ ହୋଇଛି। ସେହିପରି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଯଥା ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକାରୀ ହେଉଛି। ତାହା ହେଲା ସେମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ।



ଛାତ୍ରାବାସ ପାଇଁ ୬୦:୪୦ ଅନୁପାତରେ, ଛାତ୍ରୀନିବାସ ପାଇଁ ୯୦:୧୦ ଅନୁପାତରେ ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରୁଛନ୍ତି। ଏ ବାବଦକୁ ୭୨ କୋଟି ୧୦ ଲକ୍ଷ ଟଙ୍କା ବଜେଟ୍‌ରେ ରଖାଯାଇଛି। ଅପରପକ୍ଷେ ମଣ୍ଡଳ କମିସନଙ୍କ ସୁପାରିସ୍‌କୁ ତତ୍କାଳୀନ କେନ୍ଦ୍ର ସରକାର ଅଗଷ୍ଟ, ୧୯୯୦ରେ ଲାଗୁ କରିବା ପରେ ଓବିସି ବର୍ଗଙ୍କୁ କେନ୍ଦ୍ର ସରକାରଙ୍କ ନିଯୁକ୍ତି କ୍ଷେତ୍ରରେ ୨୭% ସଂରକ୍ଷଣ ଦିଆଯାଉଛି। କିଛି ରାଜ୍ୟ ଏହାକୁ ଲାଗୁ କରିଛନ୍ତି। କିନ୍ତୁ ଏହି ସାଢ଼େ ତିନି ଦଶନ୍ଧି ମଧ୍ୟରେ ଓଡ଼ିଶାରେ କଂଗ୍ରେସ, ବିଜେଡି, ବିଜେପି ସରକାର ଗଢ଼ିଥିଲେ ବି କେହି ଏ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଓବିସି/ଏସ୍‌ଇବିସି ବର୍ଗଙ୍କୁ ୨୭% ସଂରକ୍ଷଣ ଦେଇପାରିନାହାନ୍ତି। ଓଡ଼ିଶାରେ ଓବିସି/ଏସ୍‌ଇବିସିଙ୍କୁ ନିଯୁକ୍ତି କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ଦିଆଯାଉଛି। ରାଜ୍ୟରେ ସବୁଠୁ ଅଧିକ ପଛୁଆବର୍ଗର ଲୋକ ଥିବାବେଳେ ସରକାର କାହିଁକି କେବଳ ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ଦେବେ ବୋଲି ଓବିସି ଫୋରମ୍ ରାଜ୍ୟ ଅଧ୍ୟକ୍ଷ ରବି ବେହେରା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ପଛୁଆବର୍ଗଙ୍କୁ ଇଞ୍ଜିନିୟରିଂ, ମେଡିକାଲ ପାଠ୍ୟକ୍ରମ, ଅନ୍ୟାନ୍ୟ ନାମଲେଖା କ୍ଷେତ୍ରରେ ବି ୨୭% ସଂରକ୍ଷଣ ଦିଆଯାଉ। ପଛୁଆବର୍ଗଙ୍କୁ ବିଜେଡି ସରକାର ଅବହେଳା କରି ଆସୁଥିଲା। ଯେଉଁଥିପାଇଁ ପଛୁଆବର୍ଗଙ୍କ ସର୍ଭେ ରିପୋର୍ଟକୁ ସର୍ବସାଧାରଣରେ ଉପସ୍ଥାପନ କରାଗଲାନି। ଯଦି ସର୍ଭେ ଠିକ୍ ଭାବେ ହୋଇଥିଲା ତେବେ ଏହାକୁ କାହିଁକି ଲୁଚାଯାଇଛି ? ବିଜେପି, ବିରୋଧୀ ଦଳରେ ଥିବାବେଳେ ପଛୁଆବର୍ଗଙ୍କ ପାଇଁ ଯେଉଁ ସ୍ୱର ଉଠାଉଥିଲା ତାହା କାହିଁକି ଆଉ ଶୁଭୁନି ଅପରପକ୍ଷେ ପଛୁଆବର୍ଗଙ୍କୁ ବିନା ସୁଧରେ ଋଣ ଦେବାକୁ ଖୋଲିଥିବା ଓବିସି ଫାଇନାନ୍ସ ଆଣ୍ଡ ଡେଭଲପ୍‌ମେଣ୍ଟ କୋଅପରେଟିଭ୍ କର୍ପୋରେସନ୍‌କୁ ୨୦୦୮ରୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିଦିଆଯାଇଛି। ସେହିପରି ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ଯେ ପଛୁଆବର୍ଗଙ୍କୁ କିପରି ସଂରକ୍ଷଣ ଦିଆଯିବ ସେ ନେଇ ସରକାର ଚିନ୍ତା କରୁଛନ୍ତି। କେନ୍ଦ୍ର ସରକାରଙ୍କ ବିଶ୍ୱକର୍ମା ଯୋଜନାରେ ପଛୁଆବର୍ଗଙ୍କୁ ତାଲିମ୍ ସହ କିଟ୍ ପ୍ରଦାନ କରାଯାଉଛି। ଓବିସି ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କୁ ପ୍ରି-ମାଟ୍ରିକ୍ ମେଧା ବୃତ୍ତି ବାବଦରେ ପ୍ରାୟ ୪୦୦କୋଟି ଟଙ୍କା ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ, ବିଭାଗର ମୋଟ୍ ୬୪୩୬ କୋଟି ୯ ଲକ୍ଷ ୯୨ ହଜାର ଟଙ୍କାର ବଜେଟ୍‌ରୁ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୫୨୪୨କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏଥିରୁ ସିଂହଭାଗ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ଖର୍ଚ୍ଚ ହେଉଛି, ଯାହାଙ୍କ ସଂଖ୍ୟା ରାଜ୍ୟରେ ମୋଟ୍ ଜନସଂଖ୍ୟାର ୨୨.୮୫%। ଏହା ପରେ ଅନୁସୂଚିତ ଜାତି ବର୍ଗ (ଜନସଂଖ୍ୟାର ୧୭.୧୩%) ପାଇଁ ଅଧିକ ଖର୍ଚ୍ଚ ହେଉଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ୫.୦୬% ଲୋକ ଥିବାବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କିଛି ନାହିଁ। କେବଳ ୫୦ଟି ବହୁମୁଖୀ ଗୋଷ୍ଠୀ ତଥା ସାଂସ୍କୃତିକ କେନ୍ଦ୍ର ନିର୍ମାଣ ପାଇଁ ୩୦ ଲକ୍ଷ ହିସାବରେ ୧୫ କୋଟି ଖର୍ଚ୍ଚ କରିବାକୁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯାଇଛି।

## ବଜ୍ରାଘାତରେ ଟଳିପଡ଼ିଲେ ଜେଜେବାପା, ନାତି



ପାତ୍ରପୁର,୧୪/୫: ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଜରଡ଼ା ଥାନା ଅଧୀନ ପଦାଦିଗି ପଞ୍ଚାୟତ ନାରାୟଣପୁର ଗ୍ରାମରେ ଆଜି ବଜ୍ରାଘାତରେ ସଂପର୍କୀୟ ଜେଜେବାପା ଓ ନାତିଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ଏମ୍. ସାକିଲି କନ୍ୟାରୀ (୫୫) ଓ ତାଙ୍କ ନାତି ତଥା ଏମ୍. ସାନେୟା କନ୍ୟାରୀଙ୍କ ଏକମାତ୍ର ପୁଅ ଏମ୍. ଭୁବେଶୁ କନ୍ୟାରୀ (୨୦)। ସବୁଦିନ ଭଳି ଆଜି ଜେଜେବାପା ଓ ନାତି ଗାଈ, ଛେଳି ଓ ମଇଁଷି ଚରାଇବାକୁ ଅନ୍ୟମାନଙ୍କ ସହ ବଗି ନଦୀ ନିକଟକୁ ଯାଇଥିଲେ। ମଧ୍ୟାହ୍ନଭୋଜନ କରିବାକୁ ଉଭୟ ଗଛ ତଳେ ବସିଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ବଜ୍ରାଘାତରେ ସାକିଲି ଓ ଭୁବେଶୁ ଅଚେତ ହୋଇପଡ଼ିବାରୁ ଅନ୍ୟମାନେ ଉଭୟଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବା କ୍ଷଣି କାନ୍ଦବୋବାଳିରେ ଡାକ୍ତରଖାନା ପରିବେଶ ଫାଟି ପଡ଼ିଥିଲା। ପୁଲିସ ପହଞ୍ଚି ଶବକୁ ଜବତ କରିଛି।

# କଳାହାଣ୍ଡି ରେ ଅନିୟନ୍ତ୍ରିତ ପେଥୋଲୋଜି

## ମାନୁନାହାନ୍ତି ସରକାରୀ ଗାଇଡ଼ ଲାଇନ ବିନା ଡିଏମଏଲଟି ସାର୍ଟିଫିକେଟ ରେ ଚାଲୁଛି ଅନେକ ପେଥୋଲୋଜି

ଭବାନୀପାଟଣା ତା ୧୪/୫/୨୫ କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ବଢିଚାଲିଛି ଅନିୟନ୍ତ୍ରିତ ପେଥୋଲୋଜି ! ଜିଲ୍ଲାର ପ୍ରାୟତଃ ଡାକ୍ତରଖାନା ଗୁଡିକରେ ବିଶେଷଜ୍ଞ ଡାକ୍ତର ପଦ ସହ ଟେକ୍ନିସିଆନ ଓ ଅନ୍ୟାନ୍ୟ ପଦବୀ ଖାଲି ପଡିଛି କେବଳ ଆଉଟ ସୋର୍ସିଙ୍ଗ ମାଧ୍ୟମରେ ରୋଗୀ ସେବା କରାଯାଉଛି ! ଯାହା ଫଳରେ ରୋଗୀ ସେବା ଡାକ୍ତରଖାନା ପରିବର୍ତ୍ତେ କ୍ଲିନିକ ମାନଙ୍କରେ ଚାଲୁଥିବା ଦେଖିବାକୁ ମିଳୁଛି ! ଫଳରେ ଜିଲ୍ଲାରେ ବେସରକାରୀ କ୍ଲିନିକ ଓ ପେଥୋଲୋଜି ବଢ଼ିବାରେ ଲାଗିଛି ! ଜଣେ ବ୍ୟକ୍ତି ପେଥୋଲୋଜି ଖୋଲିବାକୁ ହେଲେ ସେ ଡିପ୍ଲୋମା ଇନ ମେଡିକାଲ ଲେବୋରେଟୋରି ଆଣ୍ଡଟେକନୋଲୋଜି(ଡିଏମଏଲଟି) କୋର୍ସ କରି ଉତୀର୍ଣ୍ଣ ହେବାର ଆବଶ୍ୟକ ରହିଛି ! ତାସହିତ କମରୁ କମ ଦୁଇଟି କୋଠରୀ, ଶୌଚାଳୟ, ପ୍ରଦୂଷଣ ସାର୍ଟିଫିକେଟ, ଏଆଇସିଟି ଓ ଜଣେ ଏମବିବିଏସ ଡାକ୍ତର ଙ୍କ ଆପୃବ ର ଆବଶ୍ୟକ ରହିଛି ସେହି ଆଧାର ରେ ଜିଲ୍ଲା ପ୍ରଶାସନ ଦ୍ୱାରା ତାଙ୍କୁ ପେଥୋଲୋଜି ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଥାଏ ! ହେଲେ ଏଠାରେ ସ୍ଥିତି ଅଲଗା ଅନେକ ପେଥୋଲୋଜି ଙ୍କ ପାଖରେ ସେହି ଯୋଗ୍ୟତା କିମ୍ବା କୌଣସି ବ୍ୟବସ୍ଥା ନାହିଁ ! ତେବେ ଜିଲ୍ଲା ପ୍ରଶାସନ କେଉଁ ଆଧାର ରେ ସେମାନଙ୍କୁ ପେଥୋଲୋଜି ଖୋଲିବାପାଇଁ ଅନୁମତି ଦେଲେ ନା ସରକାର ଙ୍କ କୋହଳ ନୀତିର ସୁବିଧା ଉଠାଇ ବେଆଇନ ଭାବେ ପେଥୋଲୋଜି ଚଳାଉଛନ୍ତି ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ! ଏହି ପେଥୋଲୋଜି ମାନଙ୍କ ନିୟନ୍ତ୍ରଣ ପାଇଁ ଅନେକ ଗାଇଡଲାଇନ ରହିଛି ହେଲେ ନିୟନ୍ତ୍ରଣ ଓ ତଦାରଖ ଅଭାବରୁ କଳାହାଣ୍ଡି ର ସମସ୍ତ ଛୋଟ ବଡ଼ ସହର ରେ ଏହିଭଳି ପେଥୋଲୋଜି ଗଢି ଉଠିଥିବା ଦେଖିବାକୁ ମିଳୁଛି ! କେବଳ ଏହି ପେଥୋଲୋଜି ମାଲିକ ମାନେ ଏତିକିରେ ନିବୃତ ନାହାଁନ୍ତି ସେମାନେ ଅନଭିଜ୍ଞ ଟେକ୍ନିସିଆନ ମାନଙ୍କ ଦ୍ୱାରା ରକ୍ତ ଓ ଅନ୍ୟାନ୍ୟ ନମୁନା ପରୀକ୍ଷା କରେଇ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ! ଡାକ୍ତର ରୋଗ ନିରୂପଣ ପାଇଁ ରକ୍ତ ସହ ଅନ୍ୟାନ୍ୟ ନମୁନା ପରୀକ୍ଷା ପାଇଁ ପଠାଉଥିବା ବେଳେ ଏହିଭଳି ଅନଭିଜ୍ଞ ଟେକ୍ନିସିଆନ ମାନଙ୍କ ଭୁଲ ରିପୋର୍ଟ ରୁ ରିପୋର୍ଟ ଆଧାର ରେ ଡାକ୍ତର ରୋଗୀ ଙ୍କୁ ଭୁଲ ଔଷଧ ଦେଉଛନ୍ତି ଫଳରେ ଅନେକ ରୋଗୀ ସୁସ୍ଥ ହେବା ବଦଳରେ ଗୁରୁତର ହୋଇ ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ! ଏପରି ଘଟଣା ଭବାନୀପାଟଣା ସହର ଓ୍ୱାର୍ଡ ନଂ ୫ ର ଜଣେ ମହିଳା ଙ୍କୁ ମ୍ୟାଲେରିଆ ନଥାଇ ମ୍ୟାଲେରିଆ ପୋଜେଟୀଭି ଦର୍ଶାଇ ଜଣେ ଡାକ୍ତର ହେବି ମେଡ଼ିସିନ ଦେଇଥିଲେ ଫଳରେ ମହିଳା ଜଣକ ସୁସ୍ଥ ହେବା ବଦଳ ରେ ଗୁରୁତର ହୋଇଥିଲେ ସେହିପରି କେସିଙ୍ଗା ସହର ର ଓ୍ୱାର୍ଡ ୯ ର ଜଣେ ଯୁବକ ଙ୍କୁ ନିମୋନିଆଁ ଥାଇ ରିପୋର୍ଟ ଆଧାର ରେ ମ୍ୟାଲେରିଆ ଔଷଧ ଦେବାରୁ ସେମଧ ଗୁରୁତର ହୋଇ ଉଭୟ ବିଶାଖାପାଟଣା ଯାଇ ଜୀବନ ବଞ୍ଚାଇଥିବା ନଜିର ରହିଛି ! ଏହା ଗୋଟିଏ କିମ୍ବା ଦୁଇଟି ଘଟଣା ନୁହେଁ ଏହିପରି କଳାହାଣ୍ଡି ର ଅନେକ ସ୍ଥାନରେ ଏହିଭଳି ରୋଗୀ ହନ୍ତସନ୍ତ ହେଉଥିବା ନଜର କୁ ଆସୁଥିବା ବେଳେ ପ୍ରଶାସନ ର କୋହଳ ନିତୀ ଓ ନିୟନ୍ତ୍ରଣ ରେ ଅବହେଳା କୁ ନେଇ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି ! ତେବେ ଏନେଇ ଜିଲ୍ଲା ସିଡିଏମୋ ମିନତୀ ଲତା ଦାସ ଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୁଁ ନୁଆଁ କରି ଯୋଗଦେଇଛି କଣ କଣ ନିୟମ ରହିଛି ଏବଂ ଏମାନଙ୍କୁ କେମିତି ନିୟନ୍ତ୍ରଣ କରାଯାଏ ମୁଁ ବୁଝିକି ଆପଣ ଙ୍କୁ କହୁଛି ଆଉ ମୁଁ ଜାଣିବା ହିସାବରେ ସେମାନେ ଲେବ୍ରୋଟୋରି ଟେକ୍ନିସିଆନ ଭାବେ ଯୋଗ୍ୟତା ହାସଲ କରିଥିବେ ସେମାନେ ପେଥୋଲୋଜି ଖୋଲି ପାରିବେ ଆଉ ବାକି କଣ ଗାଇଡଲାଇନ ଅଛି ମୁଁ ଜାଣିନାହିଁ ବୋଲି ସେ କହିଥିଲେ ! ତେବେ ବେଆଇନ ଭାବେ କଳାହାଣ୍ଡି ର ବିଭିନ୍ନ ସ୍ଥାନ ରେ ଖୋଲାଯାଇଥିବା ପେଥୋଲୋଜି କୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ସହ ବନ୍ଦ କରିବାପାଇଁ ସାଧାରଣ ରେ ଦାବୀ ହେଉଛି !

## ଶୌଚାଳୟ ନିର୍ମାଣ ସରିବ କେବେ ?



ମୁଖୀଗୁଡା,୧୪/୫: କଳାହାଣ୍ଡି ଜିଲ୍ଲା ଜୟପାଟଣାରେ ଏକ ଶୌଚାଳୟର ଆବଶ୍ୟକତା ଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଶୌଚାଳୟଟିଏ ହୋଇ ପାରିନଥିଲା। ଲୋକଙ୍କ ଦୀର୍ଘ ଦିନର ଦାବି ପରେ ଗତବର୍ଷ ନିର୍ବାଚନକୁ ଆଖି ଆଗରେ ରଖି ଜୟପାଟଣା ଥାନା ସାମ୍ନାରେ ଗତ ୮ ଜାନୁଆରୀ୨୦୨୪ରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଡିଶାରୀଙ୍କ ଦ୍ୱାରା ଶୌଚାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଭୋଟରଙ୍କ ପ୍ରଶ୍ନବାଣର ଭୟରେ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏବେ କେବଳ ଘର ତିଆରି କାମ ସରିଥିବାବେଳେ ସୂଚନା ଫଳକ ନ ଥିବାରୁ କେତେ ଟଙ୍କାର କାମ, କାର୍ଯ୍ୟ ସମ୍ପାଦନ ସଂସ୍ଥା, କାର୍ଯ୍ୟ ଶେଷ କେବେ ହେବ ସେ ନେଇ ଜନସାଧାରଣ ଅନ୍ଧାରରେ ରହିଛନ୍ତି। ତେବେ ଭୋଟ ସରିଲା ପରେ କାହାର ଆଉ ଧ୍ୟାନ ନାହିଁ। ଜୟପାଟଣା ସହରକୁ ପ୍ରତିଦିନ ଶହ ଶହ ଲୋକ ଥାନା, ତହସିଲ କାର୍ଯ୍ୟାଳୟ, ଉପନିବନ୍ଧନ କାର୍ଯ୍ୟାଳୟ, ଟ୍ରେଜେରୀ, କୋର୍ଟ, ଡାକ୍ତରଖାନାକୁ ଆସିଥାନ୍ତି।ଜରୁରୀ ସ୍ଥିତିରେ ଶୌଚାଳୟ ନ ଥିବାରୁ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନଙ୍କୁ ବେଶୀ ହଇରାଣ ହେବାକୁ ପଡୁଛି। ଜୟପାଟଣାରେ କେବେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିବ କେବେ ଲୋକେ ଶୌଚାଳୟ ବ୍ୟବହାର କରିବେ ବୋଲି ଆଲୋଚନା ହେଉଛି। ମହିଳାଙ୍କୁ ପ୍ରାଧାନ୍ୟ ଦେଉଥିବା ବିଜେଡି ସରକାର ଅମଳରେ ଜୟପାଟଣା ଅଞ୍ଚଳର ଲୋକେ ଶୌଚାଳୟ ବ୍ୟବହାର କରିପାରିଲେ ନାହିଁ। ନୂଆ ସରକାରକୁ ଆଉ କେତେ ଦିନ ପରେ ବର୍ଷେ ପୂରିବ, ହେଲେ ଜୟପାଟଣାରେ ଶୌଚାଳୟ କାମ କେବେ ସରିବ ବୋଲି ପ୍ରଶ୍ନ ଉଠୁଛି।

# ପ୍ରତି ବ୍ଲକରେ ହେବ ଶିତଳ ଭଣ୍ଡାର

## ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ଚାଷୀମାନଙ୍କ ତରଫରୁ ଧନ୍ୟବାଦ ସଭା ଚାନ୍ଦବାଲିରୁ ଶୁଭାରମ୍ଭ



ଚାନ୍ଦବାଳି,୧୪/୫: ଓଡିଶାରେ ବିଜେପି ସରକାର ଆସିବା ପରେ ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଧାନ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଅର୍ଥ ଚାଷୀ ଏକାଉଣ୍ଟକୁ ଯିବା, ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣିଥିବାରୁ ସାରା ଓଡିଶାରେ ୧୦ ଟି ଜିଲାରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ ଚାନ୍ଦବାଲିରୁ ଶୁଭଆରମ୍ଭ ହୋଇଛି। କଥାଦେଇ କଥା ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭଦ୍ରକ ଜିଲାର ସମସ୍ତ ଚାଷୀମାନଙ୍କ ତରଫରୁ ଧନ୍ୟବାଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରେଣୀ ସଦଶ୍ୟ ଉପେନ୍ଦ୍ର ରାଉଳ। ଉକ୍ତ ସଭାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ , ରାଜ୍ୟ ଖାଉଟି କଲ୍ୟାଣ, ଆଇଟି ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଭଦ୍ରକ ଜିଲା ବିଜେପି ସଭାପତି ଭଗବାନ ପଣ୍ଡା, ବାସୁଦେବପୁର ବିଧାନସଭା ନେତା ବାଣୀକଲ୍ୟାଣ ମହାନ୍ତି, ଭଣ୍ଡାରୀପୋଖରୀ ବିଧାନସଭା ନେତା ସୁଧାଂଶୁ ମହାନ୍ତି,ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଭଦ୍ରକ ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରଭାରୀ ଯତୀନ୍ଦ୍ର ବିଶ୍ୱାଳ,ବରିଷ୍ଠ ବିଜେପି ନେତା ଅଜୟ ନାୟକ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ କମଳା କାନ୍ତ ସୁତାର, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ସଂଯୋଜକ କିଶୋର ନାୟକ,ପୂର୍ଣ୍ଣ ଚନ୍ଦ୍ର ପାଣି, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ କୌଶିକ ଚାନ୍ଦ, ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ ରାଉତ ରାୟ ଯୋଗଦେବା ସହିତ ହଜାର ହଜାର ଚାଷୀ ଉପସ୍ଥିତ ରହି ଚାଷୀ ମାନଙ୍କ ଗୁଣ ଗାନ କରିବା ସହିତ ଚାଷୀର ପାରିଶ୍ରମିକ କୁ ଦୁଇ ଗୁଣା ବଢ଼ାଇ ଦିଆଯିବ ପାଇଁ ପ୍ରତିଶୃତି ଦେଇଥିଲେ। ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଥିଲେ ଭାଜପା ସରକାର ଓଡିଶାରେ ଶାସନକୁ ଆସିବା ପୂର୍ବରୁ ଯେଉଁ ପ୍ରତିଶୃତି ଦେଇଥିଲା ତାହା ପୂରଣ କରି ଦେଖାଇଛି। ନବୀନ ପଟନାୟକ ୧୦୦ ଟଙ୍କା ଚାଷୀମାନଙ୍କୁ ବୋନସ ଦେବାକୁ କହି ଦେଇନଥିଲେ କିନ୍ତୁ ମୋହନ ମାଝୀ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଓଡିଶା ର ଚାଷୀ ଭାଇ ମାନଙ୍କୁ ପ୍ରଦାନ କରାଗଲା, ଧାନ ବିକ୍ରି ର ୪୮ ଘଣ୍ଟା ମଧ୍ୟରେ ଚାଷୀ ମାନଙ୍କ ଏକାଉଣ୍ଟ କୁ ଅର୍ଥ ରାଶି ପ୍ରଦାନ କରାଗଲା, ସମସ୍ତ ପଞ୍ଜିକୃତ ଚାଷୀ ଙ୍କ ଠାରୁ ଧାନ ସରକାର କିଣିଛନ୍ତି ଓ କୌଣସି ଜାଗାରେ ଧାନ ର କଟନୀ ଛଟଣି ହୋଇନାହିଁ ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ ଆମ ସରକାର ମୁଖ୍ୟମନ୍ତ୍ରୀ କିଷାନ ସଂମାନ ଦେବା ଆରମ୍ଭ କରିଛନ୍ତି, ପ୍ରଧାନମନ୍ତ୍ରୀ ଜଳ ସେଚନ ଯୋଜନାରେ ଆମ ସରକାର ସଂକଳ୍ପ ନେଇଛନ୍ତି ଏହି ଗୋଟିଏ ବର୍ଷ ରେ ୧୫ ଲକ୍ଷ୍ୟ ହେକ୍ଟର ଜମି ରେ ଜଳ ସେଚନ ବ୍ୟବସ୍ଥା କରିବୁ। ଚାଷୀ ଆଉ ଆକାଶକୁ ଅନାଇ ଚାଷ କରିବ ନାହିଁ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂକର୍ଷଣ ଜେନା, ମଙ୍ଗରାଜ ନାୟକ,ଏନ, ଏସ, ସି ସଭାପତି ବିକାଶ କୁମାର ବେହେରା, ମଣ୍ଡଳ ସଭାପତି ସନ୍ଦୀପ ନାୟକ, ପ୍ରବୀର ରାଉତ, ତ୍ରିଦୀବେଶ ପ୍ରଧାନ, ଅଜୟ ମହାନ୍ତି,ଦେବେନ୍ଦ୍ର ନାୟକ, ପ୍ରିୟରଞ୍ଜନ ଜେନା, ପିତାମ୍ବର ଦାସ, ସରପଞ୍ଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ବିଳାସ ନାୟକ,ଜଗନ୍ନାଥ ରାଉତ, ଚନ୍ଦନ ରାଉତ, ଦିଲ୍ଲୀପ ରାଉତ, ବିଶ୍ୱଜିତ ବିଶ୍ୱାଳ,ବିଜୟ କୁମାର ବେହେରା,ଦିବାକର ବେହେରା, ସ୍ମୃତିରଞ୍ଜନ ନାୟକ,ମୀନକେତନ ବିଶ୍ୱାଳ, ଉଦୟ କେତନ ବିଶ୍ୱାଳ,ସସ୍ମିତ ମହାନ୍ତି, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର , ତା ୧୪.୦୫.୨୦୨୫ ରିଖ- ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୮୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୪୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଉପ ଆରକ୍ଷୀ ଅଧିକ୍ଷକ ଯାଜପୁର ରୋଡ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଦାନଗଦି, ଶ୍ରୀ ପ୍ରଦୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର, ଦାନଗଦି ଶୁଭସ୍ମିତା ନାୟକ, ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।




# ସଙ୍କଟରେ ଚିଲିକା: 'ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବଦଳିଛି ରୂପ'

ବ୍ରହ୍ମପୁର,୧୪/୫: ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନୀଳାମ୍ବୁ ଚିଲିକାର ରୂପ ବଦଳି ଯାଇଛି। ନଦୀନାଳରେ ଆସୁଥିବା ପଟୁମାଟି ଯୋଗୁଁ ଚିଲିକା ସଂକୁଚିତ ହୋଇଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ପଦାର୍ଥରେ ଏହାର ଜଳ ପ୍ରଦୂଷିତ ହୋଇଛି। ପର୍ଯ୍ୟଟକଙ୍କ ବର୍ଜ୍ୟବସ୍ତୁ ଓ ଚିଙ୍ଗୁଡ଼ି ଘେରି ଜାଲ ଯୋଗୁଁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବଢ଼ିଛି। ନଦୀ ଓ ନାଳ ପାଣି ମିଶୁଥିବାରୁ ଚିଲିକା ପାଣିର ଲବଣତା ମାତ୍ରା କମିଛି। ଚିଲିକାରେ ଥିବା ବିଭିନ୍ନ ପ୍ରଜାତିର ମାଛ ଲୋକ ପାଉଥିବା ବେଳେ ପ୍ରାକୃତିକ ଭାବେ ବହୁଳ ମାତ୍ରାରେ ମିଳୁଥିବା କଙ୍କଡ଼ା ଆଗ ଭଳି ମିଳୁନାହିଁ। ପରିବେଶ ପରିବର୍ତ୍ତନ ଯୋଗୁଁ ୨ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି କୁହାଯାଉଥିବା ଚିଲିକା ଆଜି ସଙ୍କଟରେ। ହେଲେ ଏସବୁ ସମସ୍ୟାର ସମାଧାନ ବାଟ ଆମ ପାଖରେ ରହିଛି। 'ପୁନଶ୍ଚ ପୃଥିବୀ' କାର୍ଯ୍ୟକ୍ରମରେ 'ସଙ୍କଟରେ ଚିଲିକା' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ମତ ପୋଷଣ କରିଛନ୍ତି ଉପସ୍ଥିତ ପରିବେଶବିତ୍। ପୂର୍ବରୁ ଚିଲିକାର କ୍ଷେତ୍ରଫଳ ୧୧୬୫ ବର୍ଗ କିଲୋମିଟର ରହିଥିବା ଏବେ ଏହା ସଙ୍କୁଚିତ ହୋଇ ୯୦୬ ବର୍ଗ କିଲୋମିଟର ହୋଇଗଲାଣି। ଜଳବାୟୁ ପରିବର୍ତ୍ତନ ସହ ଚିଲିକାର ବି ପରିବର୍ତ୍ତନ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟା ଚିଲିକାରେ ଲ୍ୟାଣ୍ଡଫଲ୍ କରିବା ପରେ ଏହା ଉପରେ ବେଶ ପ୍ରଭାବ ପଡ଼ିଛି। ଉଭୟ ସମୁଦ୍ରର ଲୁଣି ପାଣି ଓ ନଦୀନାଳର ମଧୁରପାଣି ମିଶି ଚିଲିକା ପାଣିର ଲବଣତା ନିୟନ୍ତ୍ରଣ ହେଉଥିଲା। ଲବଣତା ନିୟନ୍ତ୍ରଣ ଯୋଗୁଁ ଚିଲିକାରେ ୩ଶହରୁ ଅଧିକ ପ୍ରଜାତିର ମାଛ ମିଳୁଥିଲା। ଏହା ଉପରେ ନିର୍ଭର କରି ୨ଲକ୍ଷ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରୁଥିଲେ। ହେଲେ ଚିଲିକା ସଂକୁଚିତ ହେବା ଫଳରେ ୨ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡ଼ିଲାଣି। ତଥାପି ଚଳିତବର୍ଷ ଚିଲିକାକୁ ୨୮ ଲକ୍ଷ ବିଦେଶାଗତ ପକ୍ଷୀ ଆସିଥିବା ବେଳେ ୧୫୯ ଡଲ୍‌ଫିନ୍ ଅଛନ୍ତି। ତେଣୁ ଚିଲିକାର ସୁରକ୍ଷା ପାଇଁ ଏବେଠୁ ମିଳିମିଶି ଉଦ୍ୟମ କଲେ ପୂର୍ବାବସ୍ଥା ବଜାୟ ରହିବ ବୋଲି ଆଲୋଚକ ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ମୁଖ୍ୟ ପ୍ରଫେସର ଡ଼ ମୋଦ୍ଗ ଆଚାର୍ଯ୍ୟ, ଚିଲିକା ସୁରକ୍ଷା ଆନ୍ଦୋଳନର ବରିଷ୍ଠ ନେତ୍ରୀ ମୀନା କୁମାରୀ ଟହଲ, ବନ ବିଭାଗର ଉପନିର୍ଦ୍ଦେଶକ ସସ୍ମିତା ଲେଙ୍କା ଓ ସାମୁଦ୍ରିକ ଜୈବବିତ୍ ଶୁଭଶ୍ରୀ ସ୍ୱାଗତିକା ମହାନ୍ତି ମତବ୍ୟକ୍ତ କରିଥିଲେ।

## ସଂପାଦକୀୟ

# ଜୟ ସିନ୍ଦୂର

ତାରିଖ, ସ୍ଥାନ ଓ ସମୟ ନିର୍ଣ୍ଣୟ କରିଛି ଭାରତୀୟ ସେନା। କାଶ୍ମୀରର ପହଲ୍‌ଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ମହିଳା ପର୍ଯ୍ୟଟକଙ୍କ ମଥାରୁ ସିନ୍ଦୂର ପୋଛିବାର ଯେଉଁ ଅପକର୍ମ କରିଥିଲେ ତାହାର ପରାଭବ ଭାରତୀୟ ବାୟୁସେନା 'ଅପରେସନ୍ ସିନ୍ଦୂର' ଜରିଆରେ ଦେଇଛି। ଆତଙ୍କବାଦୀମାନେ ଭାରତ ମାଟିରେ ସାମ୍ପ୍ରଦାୟିକତା ଆଧାରରେ ବାଛି ବାଛି ପୁରୁଷମାନଙ୍କୁ ହତ୍ୟା କରିଥିଲେ। ଏହି ବର୍ବରୋଚିତ ଓ ନାରକୀୟ କାଣ୍ଡର ପ୍ରତିଶୋଧ ନେବା ପାଇଁ ଭାରତ ସରକାର ସେନାକୁ ଦେଇଥିବା ଅଧିକାର ଓ କ୍ଷମତାର ଉପଯୋଗ କରି ଭାରତୀୟ ବାୟୁସେନା ନିୟନ୍ତ୍ରଣ ରେଖା ଡେଇଁ ପାକ୍ ଅଧିକୃତ କାଶ୍ମୀରରେ ବାଛି ବାଛି ଆତଙ୍କବାଦୀ ଆଡାଗୁଡ଼ିକୁ ଧ୍ୱଂସ କରିଛି। ଭାରତୀୟ ସିମନ୍ତିନୀର ସିନ୍ଦୂରର ମୂଲ୍ୟ କ'ଣ ତାହା ପାକିସ୍ତାନ ପୁଣି ଥରେ ଅଙ୍ଗେ ନିଭେଇଛି, ବିଶ୍ୱ ଦେଖିଛି ଏବଂ ଇତିହାସରେ ପ୍ରତିଶୋଧ-ପରାକ୍ରମର ବିଜୟ ଗାଥା ଲେଖି ହୋଇଯାଇଛି।୭ ତାରିଖ ରାତି ୧.୦୫ ବେଳେ ଆରମ୍ଭ ହୋଇଥିବା ଏହି ଅପରେସନ୍‌ରେ ଆତଙ୍କବାଦୀ ସଂଗଠନ ଲସ୍କର ଏ ତୋଇବା, ଜୈସ ଏ ମହମ୍ମଦ ପରିଚାଳିତ ୯ଟି ଆତଙ୍କବାଦୀ ଆଡା ଧ୍ୱଂସ ହେବା ସହିତ ୭୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିପାତ ହୋଇଥିବା ଦାବି କରାଯାଇଛି ଏବଂ ପାକିସ୍ତାନ ମଧ୍ୟ ଭାରତୀୟ ବାୟୁସେନାର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ସ୍ୱୀକାର କରିଛି। ପହଲ୍‌ଗାମ୍‌ରେ କାପୁରୁଷୋଚିତ ଓ ବର୍ବର ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତବାସୀ ଏଭଳି ଏକ କାର୍ଯ୍ୟାନୁଷ୍ଠାନ ଆଶା କରୁଥିଲେ। ତେଣୁ ରାଜନୀତିରୁ ଊର୍ଦ୍ଧ୍ୱରେ ଦଳମତ ନିର୍ବିଶେଷରେ 'ଅପରେସନ୍ ସିନ୍ଦୂର'କୁ ବିପୁଳ ସମର୍ଥନ, ପ୍ରଶଂସା ସହିତ ଭାରତୀୟ ବାୟୁସେନାର ସାହସ, ବୀରତ୍ୱ ଓ ଦକ୍ଷତାକୁ ଜୟଜୟକାର ମିଳିଛି। ଭାରତର ଏୟାର ଷ୍ଟ୍ରାଇକ୍ ପରେ ପରିସ୍ଥିତିର ସମୀକ୍ଷା ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ପାଇଁ ପାକିସ୍ତାନ ସରକାର ସେନାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଇତିମଧ୍ୟରେ ପାକିସ୍ତାନସେନା ପକ୍ଷରୁ ସୀମାରେ ଗୁଳିଗୋଳା ବର୍ଷଣ ଜାରି ରହିଛି ଏବଂ ଭାରତୀୟ ସୀମା ସୁରକ୍ଷା ବାହିନୀ ମଧ୍ୟ ପାଲଟା ଜବାବ୍ ଦେଉଛନ୍ତି, ଯେଉଁଥିରେ ବେସାମରିକ ନାଗରିକଙ୍କ ମୃତାହତ ସଂଖ୍ୟା ବଢ଼ିବାରେ ଲାଗିଛି। ସ୍ୱାଭାବିକ ଭାବେ ପାକିସ୍ତାନ ଜନତାଙ୍କ ଚାପରେ ସେଠାକାର ସରକାର ଥିବାରୁ ଭାରତ ଉପରେ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ଭାରତର ତିନି ସେନାବାହିନୀକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବିମାନ ଚଳାଚଳ ବାତିଲ୍ ପରି ଅନେକ ଜରୁରିକାଳୀନ ପ୍ରତିରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଛି।ସୀମାପାର ଆତଙ୍କବାଦ ପଛରେ ପାକିସ୍ତାନ ସେନା ଓ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ପ୍ରତ୍ୟକ୍ଷ ପ୍ରୋତ୍ସାହନ ଓ ସହାୟତା ରହିଥିବା କଥା ଆଉ ବିଶ୍ୱ ସମୁଦାୟକୁ ଅଛପା ନାହିଁ। ଭାରତରେ ବିଭିନ୍ନ ସମୟରେ ସଙ୍ଘଟିତ ଲୋମହର୍ଷଣକାରୀ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ପକ୍ଷରୁ ଏ ସମ୍ପର୍କିତ ପ୍ରମାଣ ମଧ୍ୟ ବିଶ୍ୱସମୁଦାୟ ଆଗରେ ବାରମ୍ବାର ଉପସ୍ଥାପନ କରାଯାଇଛି। ତେଣୁ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ମୁଖ୍ୟତଃ ଆତଙ୍କବାଦୀଙ୍କ ଆଡାସ୍ଥଳୀକୁ ଧ୍ୱଂସସାଧନରେ ସୀମିତ ରହିଛି। ଜାତିସଂଘ ସମେତ ବିଶ୍ୱସମୁଦାୟ ଏପରିକି ଇସ୍‌ଲାମିକ୍ ରାଷ୍ଟ୍ରମାନେ ମଧ୍ୟ ଭାରତର ଏହି ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ସମର୍ଥନ କରିଛନ୍ତି।ଭାରତୀୟ ବାୟୁସେନାର ଏୟାର ଷ୍ଟ୍ରାଇକ୍ ପରେ ପାକିସ୍ତାନ ପାଖରେ ଏବେ ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ, ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସେହି ଦେଶ ଭାରତ ବିରୋଧରେ ଯୁଦ୍ଧ ଡାକରା ନ ଦେଇ ଅନ୍ତତଃ ଆଗାମୀ କିଛି ମାସ କିମ୍ବା ବର୍ଷ ପାଇଁ ନିରବ ରହିପାରେ। ଦ୍ୱିତୀୟତଃ, ଭାରତର ସେନାଘାଟି ଉପରେ ଅନୁରୂପ ଭାବେ ଏୟାରଷ୍ଟ୍ରାଇକ୍ କରିପାରେ। ଭାରତର ଏୟାର ଷ୍ଟ୍ରାଇକ୍‌ର ଲକ୍ଷ୍ୟ ମୁଖ୍ୟତଃ ପାକ୍ ଅଧିକୃତ କାଶ୍ମୀର ଆତଙ୍କବାଦୀ ସଂଗଠନ ବୋଲି ଆନ୍ତର୍ଜାତିକ ସମୁଦାୟ ଆଗରେ ଭାରତ ଯୁକ୍ତିଯୁକ୍ତ ଦାବି ଓ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିଥିବା ବେଳେ ପାକିସ୍ତାନ ପାଖରେ ସେଭଳି କୌଣସି ଯୁକ୍ତି କିମ୍ବା ପ୍ରମାଣ ନାହିଁ। ତେଣୁ ପାକିସ୍ତାନ ପକ୍ଷରୁ ଯଦି ଭାରତୀୟ ସେନା ଘାଟି ଉପରେ ଆକ୍ରମଣ ହୁଏ ତେବେ ଭାରତ ବିଶ୍ୱ କୂଟନୈତିକ ସ୍ତରରେ ପାକିସ୍ତାନ ତୁଳନାରେ ଅପେକ୍ଷାକୃତ ଭଲ ସ୍ଥିତିରେ ରହିବ।ବିଶ୍ୱସ୍ତରରେ ଆତଙ୍କବାଦ ଓ ଆତଙ୍କବାଦୀଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ଅନେକ ଦୃଷ୍ଟାନ୍ତ ରହିଛି। ବିଶ୍ୱ ବାଣିଜ୍ୟ କେନ୍ଦ୍ର ଧ୍ୱଂସ ପରେ ଏହାର ମାଷ୍ଟରମାଇଣ୍ଡ ଅଲକାଏଦା ମୁଖ୍ୟ ଓସାମା ବିନ ଲାଦେନ୍‌କୁ ପାକିସ୍ତାନ ମାଟିରେ ଆମେରିକା ସେନାର ସର୍ଜିକାଲ ଷ୍ଟ୍ରାଇକ୍‌ଠାରୁ ଆରମ୍ଭ କରି ଆଫଗାନିସ୍ତାନ, ଇରାକ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ, ସିରିଆ ଓ ଚେଚେନ୍ୟାରେ ଆତଙ୍କବାଦ ବିରୋଧରେ ରୁଷିଆର ଏୟାର ଷ୍ଟ୍ରାଇକ୍, ଇସ୍ରାଏଲ୍‌ର ସର୍ଜିକାଲ୍ ଷ୍ଟ୍ରାଇକ୍ ଆଦି ଏହାର ଅନ୍ତର୍ଭୁକ୍ତ। ତେଣୁ ଏ କ୍ଷେତ୍ରରେ ଭାରତକୁ ଉପରୋକ୍ତ ରାଷ୍ଟ୍ରସମୂହର ସହାୟତା ଓ ସମର୍ଥନ ମିଳିବା ଆଶା ଉଜ୍ଜ୍ୱଳ। ଯଦିବା ଆମେରିକା ନିରପେକ୍ଷ ଭୂମିକାରେ ଅବତୀର୍ଣ୍ଣ ହୁଏ ତେବେ ରୁଷିଆ ଓ ଇସ୍ରାଏଲର ସମର୍ଥନ ହାସଲ କରିବାରେ ଭାରତ ସଫଳ ହେବ। ଏଭଳି କ୍ଷେତ୍ରରେ ପାକିସ୍ତାନର ଏକମାତ୍ର ଭରସା ଚୀନ୍। କିନ୍ତୁ ଆମେରିକା ସହିତ ବାଣିଜ୍ୟ କଟକଣା ପରେ ଚୀନ ପାଇଁ ଭାରତ ହିଁ ଏକମାତ୍ର ବୃହତ ବଜାର। ତେଣୁ ପାକିସ୍ତାନର ସାମରିକ କାର୍ଯ୍ୟାନୁଷ୍ଠାନକୁ ହଠାତ୍ ପ୍ରତ୍ୟକ୍ଷ ବା ପରୋକ୍ଷ ସମର୍ଥନ କରିବାକୁ ଯାଇ ଚୀନ୍ ଅଯଥା ତାହାର ବୃହତ୍ ବଜାରକୁ ହାତଛଡ଼ା କରିବାକୁ ଚାହିଁ ନପାରେ। ଅପରପକ୍ଷରେ ଚୀନର ବାହୁଚ୍ଛାୟା ତଳେ ରହି ଭାରତର ସାମରିକ ଶକ୍ତିକୁ ଭ୍ରୂକ୍ଷେପ କରୁନଥିବା ପାକିସ୍ତାନ ହୁଏତ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଓ ସହାୟତା ଜରିଆରେ ଛାୟାଯୁଦ୍ଧ ଜାରି ରଖିପାରେ।'ଅପରେସନ୍ ସିନ୍ଦୂର'ର ଜୟଜୟକାର ସତ୍ତ୍ୱେ ଭାରତୀୟଙ୍କ ମନର ନିଭୃତ କୋଣରୁ ଏକ ନିରବ ସ୍ୱରଟିଏ ପ୍ରତିଧ୍ୱନିତ ହେଉଛି, ଯାହା ବିଗତଦିନରେ ଏକ ବହୁଦେଶୀୟ କମ୍ପାନୀର ଲୋକପ୍ରିୟ ମୃଦୁପାନୀୟ ଉତ୍ପାଦ ବିଜ୍ଞାପନ ପାଇଁ ଉଦ୍ଦିଷ୍ଟ – 'ଏ ଦିଲ୍ ମାଙ୍ଗେ ମୋର(ଆହୁରି ଅଧିକ ଦରକାର)' ଦିଗକୁ ଇଙ୍ଗିତ କରୁଛି। ପାକିସ୍ତାନ ମାଟିରେ ଚଳଚଞ୍ଚଳ ଆତଙ୍କବାଦୀ ଶିବିରଗୁଡ଼ିକର ଧ୍ୱଂସରଚନାରେ ପୂର୍ବ ସର୍ଜିକାଲ୍ ଷ୍ଟ୍ରାଇକ୍‌ଗୁଡ଼ିକ ତୁଳନାରେ 'ଅପରେସନ୍ ସିନ୍ଦୂର'ର ଫଳାଫଳ ଭାରତୀୟମାନଙ୍କର ଆକ୍ରୋଶ ଓ ପ୍ରତିଶୋଧ ବିଜଡ଼ିତ ଆଶାନୁରୂପ ହୋଇପାରିନାହିଁ। ଏପରିକି ଭାରତୀୟମାନେ ପାକ୍ ଅଧିକୃତ କାଶ୍ମୀରକୁ ଭାରତରେ ମିଶାଇବା ପାଇଁ ନିର୍ଣ୍ଣାୟକ ଲଢ଼େଇର ଅପେକ୍ଷା କରୁଛନ୍ତି। କିନ୍ତୁ ସାମ୍ପ୍ରତିକ ସ୍ଥିତିର ସମ୍ବେଦନଶୀଳତାକୁ ଗ୍ରହଣ କରି ଭାରତୀୟ ସେନାର ବାଧ୍ୟବାଧକତାକୁ ହୃଦୟଙ୍ଗମ କରି 'ଅପରେରସନ୍ ସିନ୍ଦୂର'ର ଫଳାଫଳରେ ସନ୍ତୁଷ୍ଟ ହେବା ହିଁ ବର୍ତ୍ତମାନର ରାଷ୍ଟ୍ରଧର୍ମ। ଯୁଦ୍ଧ କୌଣସି ପକ୍ଷ ପାଇଁ ହିତକର ଓ ନିର୍ଣ୍ଣାୟକ ନୁହେଁ। ଏହି ଆପ୍ତ ସତ୍ୟକୁ ସର୍ବଦା ମନେ ରଖିବାକୁ ହେବ।

# ମୁଖା ଖୋଲିଛି




ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକ୍ରମ ସହ କେବଳ ସେନାବାହିନୀ ନୁହେଁ, ଶାସନତନ୍ତ୍ର ମଧ୍ୟ ସଂଶ୍ଳିଷ୍ଟ। ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ ଆନ୍ତର୍ଜାତିକ ସମୁଦାୟ ସମ୍ମୁଖରେ ପାକିସ୍ତାନର ଏହି କଳା କାରନାମାକୁ ପଦାରେ ପକାଇଦେଇଛି। ଏହି ସତ୍ୟ ଉନ୍ମୋଚନ ହେବା ପରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କୂଟନୈତିକ ପ୍ରହାରରେ ଲହୁଲୁହାଣ ହୋଇଛି ପାକିସ୍ତାନ। ଏପରିକି ନିକଟତମ ସହଯୋଗୀ ଚୀନ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଯୁଦ୍ଧ ବଦଳରେ ଶାନ୍ତି ଓ ସଦ୍ ? ?ଭାବନା ସକାଶେ ପରାମର୍ଶ ଦେଇଛି। ସୀମିତ ଓ ପୂର୍ଣ୍ଣ ଯୁଦ୍ଧ ମଧ୍ୟରେ ଥିବା ସୀମିତ ଅନ୍ତର କ୍ରମେ ସଂକୁଚିତ ହେଉଥିବାରୁ ଆଗକୁ କ'ଣ ଘଟିବ ସେନେଇ କିଛି ମତାମତ ଦେବା ଠିକ୍ ? ? ହେବ ନାହିଁ। ତେବେ ଏକଥା ସତ ଯେ ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସିମ ମୁନୀର ନିଜର ପଇଁତରା ପ୍ରଦର୍ଶନ ପାଇଁ ଗ୍ରହଣ କରିଥିବା ଅପରିଣାମଦର୍ଶୀ ପଦକ୍ଷେପ ଆର୍ଥିକ ସଂକଟ ଦେଇ ଗତିକରୁଥିବା ପାକିସ୍ତାନକୁ ଯୁଦ୍ଧ ମୁହଁକୁ ଠେଲିଦେଇଛି। କେବଳ ସେନାବାହିନୀ ନୁହେଁ, ପାକ୍ ? ? ନାଗରିକ ମଧ୍ୟ ତାଙ୍କ ବିରୋଧରେ ବିଦ୍ରୋହ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଯେକୌଣସି ସମୟରେ ପାକ୍ ? ? ସେନାବାହିନୀର ନେତୃତ୍ୱ ପରିବର୍ତ୍ତନ ଘଟିବା ଏକପ୍ରକାର ଅବଶ୍ୟମ୍ଭାବୀ ହୋଇପଡ଼ିଛି। ଯଦି ଏହି ସ୍ଥିତି ଅପରିବର୍ତ୍ତିତ ରହେ, ତେବେ ପରିଲକ୍ଷିତ ଯୁଦ୍ଧ ସ୍ଥିତି ଗତିଶୀଳତା ହରାଇବା ଏକ ପ୍ରକାର ଥୟ।ଦେଶର ନାଗରିକଙ୍କୁ ସୁରକ୍ଷା ଦେବା ଭାରତର ସାର୍ବଭୌମ ଅଧିକାର। ପହଲଗାମ୍ ? ?ରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ଯେଭଳି ନୃଶଂସ ଭାବେ ଆତଙ୍କବାଦୀମାନେ ହତ୍ୟା କଲେ, ତାହାର ଉତ୍ତର ତ ଦେବାକୁ ପଡ଼ିବ। ତେଣୁ ପାକ୍ ? ? ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ମୁଣ୍ଡ ଟେକିଥିବା ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତ ନିର୍ଦ୍ଦିଷ୍ଟ ଭାବେ ସାମରିକ କାର୍ଯ୍ୟକ୍ରମ ମାଧ୍ୟମରେ ଧ୍ୱଂସ କରିଛି। ଏ କ୍ଷେତ୍ରରେ ପ୍ରଦର୍ଶନ କରାଯାଇଥିବା ସଂଯମ ଓ ପରିପକ୍ୱତା ନିଶ୍ଚୟ ପ୍ରଶଂସାଯୋଗ୍ୟ। ପାକିସ୍ତାନର ସାଧାରଣ ଜନତା ଓ ସାମରିକ ଘାଟି ଉପରେ ଯେପରି ଆଞ୍ଚ ନ ଆସେ ସେଥିପ୍ରତି ସତର୍କତା ଅବଲମ୍ବନ କରିଛି ଭାରତ। ଏହା କେବଳ ସେନାବାହିନୀର ନିପୁଣତା ନୁହେଁ, ଭାରତର ନୀତିଗତ ନିଷ୍ପତ୍ତି ଓ ଉଦ୍ଦେଶ୍ୟକୁ ପ୍ରମାଣିତ କରିଛି। ଜାମ୍ମୁ-କାଶ୍ମୀର, ପଞ୍ଜାବ, ହରିଆନା, ରାଜସ୍ଥାନ ଓ ଗୁଜରାଟର ୧୫ଟି ସହରରେ ଥିବା ସାମରିକ ପ୍ରତିଷ୍ଠାନ ଓ ଗୁରୁତ୍ୱପୂର୍ଣ୍ଣ ଦପ୍ତରକୁ ଧ୍ୱଂସ କରିବା ସକାଶେ ପାକିସ୍ତାନ ପକ୍ଷରୁ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଧ୍ୟମରେ କରାଯାଇଥିବା ଆକ୍ରମଣକୁ ଭାରତ ନିଷ୍ଫଳ ଓ ବ୍ୟର୍ଥ କରିଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଭାରତ ଏ ପର୍ଯ୍ୟନ୍ତ ଆକ୍ରମଣ କିମ୍ବା ଯୁଦ୍ଧ ଘୋଷଣା କରିନି। କେବଳ ନିଜର ସୁରକ୍ଷା ସକାଶେ ସେମାନଙ୍କ ଆକ୍ରମଣକୁ ପ୍ରତିହତ କରିଆସିଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ପାକିସ୍ତାନକୁ ଏ ପର୍ଯ୍ୟନ୍ତ ସହାୟତା ଯୋଗାଇ ଆସିଥିବା ସାଉଦି ଆରବର ଉପବୈଦେଶିକ ମନ୍ତ୍ରୀ ଇସଲାମବାଦ ପରେ ନୂଆଦିଲ୍ଲୀରେ ଆସି ପହଞ୍ଚିଛନ୍ତି। ଯେତେଦୂର ମନେହୁଏ, ଦ୍ୱିପାକ୍ଷିକ କଥାବାର୍ତ୍ତାରେ ସମସ୍ୟାର ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାପଛରେ ପାକିସ୍ତାନର ନିରବ ସମର୍ଥନ ଥିବା ସ୍ପଷ୍ଟ ହୋଇଛି। ଆତଙ୍କବାଦୀଙ୍କୁ ପାକିସ୍ତାନ କେବଳ ଆଶ୍ରୟ ଓ ପ୍ରଶୟ ଦେଇନି, ଜାତୀୟ ରଣନୀତିର ଅନ୍ୟତମ ଅଂଶୀଦାରର ମାନ୍ୟତା ଦେଇଛି। ଭାରତର କାର୍ଯ୍ୟାନୁଷ୍ଠାନରେ ନିହତ ଆତଙ୍କବାଦୀଙ୍କୁ ଜାତୀୟ ସମ୍ମାନ ସହିତ କବର ଦିଆଯାଇଛି। ସେଥିରୁ ସେମାନଙ୍କ ଭୂମିକା ସ୍ପଷ୍ଟ ହୋଇଛି। ଏହି ନିହତଙ୍କ ମଧ୍ୟରେ ଆଇସି-୮୧୪ ବିମାନ ଅପହରଣ ଘଟଣାର ମୁଖ୍ୟ ସଞ୍ଚାଳକ ରୌଫ ଆଝାର ଅନ୍ୟତମ। ସେ ଜୈସ-ଇ ମହମ୍ମଦ ଆତଙ୍କୀ ସଂଗଠନର ପ୍ରତିଷ୍ଠାତା ମୌଲାନା ମାସୁଦ ଆଝାରର ସାନ ଭାଇ।ଘଟଣାକ୍ରମକୁ ଅନୁଧ୍ୟାନ କଲେ ସ୍ପଷ୍ଟ ମନେହୁଏ ଯେ ଆଧୁନିକ ଯୁଦ୍ଧକୌଶଳର ଏ ପର୍ଯ୍ୟନ୍ତ ନିକଟବର୍ତ୍ତୀ ହୋଇପାରିନି ପାକ୍ ? ? ସେନାବାହିନୀ। ଭାରତ ଏ ପର୍ଯ୍ୟନ୍ତ ସେମାନଙ୍କ ଆକ୍ରମଣର ସଫଳ ପ୍ରତିହତ କରିନି, ଆବଶ୍ୟକତା ଦୃଷ୍ଟିରୁ ଗୁରୁବାର ଲାହୋର, କରାଚି ଓ ରାଓଲପିଣ୍ଡିର ପ୍ରତିରକ୍ଷା ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ନିଜର ପରାକ୍ରମ ସାବ୍ୟସ୍ତ କରିଛି। ନିର୍ଣ୍ଣାୟକ ଯୁଦ୍ଧରେ ଭାରତ ଯେ ଆଗୁଆ ତାହା ପ୍ରମାଣ କରିଛି। ଏକଥା ସତ ଯେ ଅସ୍ତ୍ରବିରତି ଚୁକ୍ତି ଲଂଘନ କରି ପାକିସ୍ତାନ ପୁଞ୍ଚ, ରାଜୌରି ଓ ଅଖନୁର ସୀମାନ୍ତ ଗ୍ରାମ ଉପରେ ଗୁଳିଗୋଳା ପ୍ରହାର କରିଚାଲିଛି। ଏଥିରେ ଗ୍ରାମବାସୀଙ୍କ ଘରଦ୍ୱାର ଭାଙ୍ଗିଛି ଓ ପ୍ରାୟ ୨୦ ଜଣ ପ୍ରାଣ ହରାଇଛନ୍ତି। ଏହି ନିୟନ୍ତ୍ରଣରେଖା ଅତିକ୍ରମ କରି କିଛି ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ମଧ୍ୟ ପଣ୍ଡ କରାଯାଇଛି। ପରିସ୍ଥ ? ?ତିର ମୁକାବିଲା ସକାଶେ ଇତିମଧ୍ୟରେ ଅତିରିକ୍ତ ସଶସ୍ତ୍ର ବାହିନୀ ମୁତୟନ କରାଯାଇଛି। ସିନ୍ଧୁଜଳ ବଣ୍ଟନ ଚୁକ୍ତିକୁ ଅନିର୍ଦ୍ଦିଷ୍ଟ କାଳ ସକାଶେ ସ୍ଥଗିତ ରଖାଯାଇଥିବାରୁ ତାହାର ପରିଣାମ ସ୍ୱରୂପ ପାକିସ୍ତାନର କେଉଁଠି ଅଦିନିଆ ବନ୍ୟା ସୃଷ୍ଟି ହୋଇଛି ତ କେଉଁଠି ଜଳାଭାବରୁ ଫସଲ ଉଜୁଡ଼ିଯିବା ଭଳି ପରିସ୍ଥିତି ଉପୁଜିଛି। ସିନ୍ଧୁ ଜଳକୁ ବୋମା ରୂପେ ପ୍ରୟୋଗ କରି ପାକିସ୍ତାନ ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ସୃଷ୍ଟି କରିଛି ଭାରତ।ପାକିସ୍ତାନର ସ୍ଥିତିରୁ ସ୍ପଷ୍ଟ ମନେ ହୁଏ ଯେ ଦେଶର ଅର୍ଥନୀତି ଓ ରାଜନୀତି ଆଦୌ ଯୁଦ୍ଧ ପାଇଁ ଅନୁକୂଳ ନୁହେଁ। ଆତଙ୍କବାଦୀ ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ ଗାଲୁମାରି ଆସୁଥିବା ପାକିସ୍ତାନର ମୁଖା ଖୋଲିଦେଇଛି ଭାରତ। ତେଣୁ ଆତଙ୍କବାଦ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ବିଶ୍ୱର ଅଧିକାଂଶ ପ୍ରଭାବଶାଳୀ ରାଷ୍ଟ୍ରଠାରୁ ସମର୍ଥନ ପାଉନି ପାକିସ୍ତାନ। ତୁର୍କୀର ଖୋଲା ସମର୍ଥନ ତା' ପାଇଁ ଯଥେଷ୍ଟ ନୁହେଁ। ଆଗରୁ ଚୀନ୍ ? ? ସମର୍ଥନ ଘୋଷଣା କରିଥିଲେ ମଧ୍ୟ ଏବେ ପଛଘୁଞ୍ଚା ଦେଇଛି। ଅନ୍ୟପକ୍ଷରେ ଆମେରିକା, ୟୁରୋପୀୟ ରାଷ୍ଟ୍ର ସଂଘ, ଅଷ୍ଟ୍ରେଲିଆ, ରୁଷ ଓ ଜାପାନ ଭାରତକୁ ସମର୍ଥନ କରୁଥିବା ସ୍ପଷ୍ଟ ହୋଇଛି। ଭାରତର ଉଚିତ ମୁକାବିଲା କରିପାରୁ ନ ଥିବା ପାକିସ୍ତାନ ବେଲୁଚ ମୁକ୍ତିସେନାଙ୍କ ସଣ୍ଢୁଆଶି ଆକ୍ରମଣକୁ ବ୍ୟର୍ଥ କରିବାରେ ନିଷ୍ଫଳ ହୋଇଛି। ଉଭୟ ପୂର୍ବ ଓ ପଶ୍ଚିମ ସୀମାରେ ସୃଷ୍ଟି ହୋଇଥିବା ମୁକାବିଲାମୂଳକ ପରିସ୍ଥିତିକୁ ସମ୍ଭାଳିବା ପାକିସ୍ତାନ ସେନା ପାଇଁ କାଠିକର ପାଠ ହୋଇଯାଇଛି। ତେଣୁ ଯୁଦ୍ଧ ବଦଳରେ ବୁଝାମଣା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ହିଁ ଏକମାତ୍ର ବିକଳ୍ପ।

# ସମ୍ଭାବ୍ୟ ଯୁଦ୍ଧ ପୂର୍ବ ଆତ୍ମସୁରକ୍ଷା ପ୍ରସ୍ତୁତି



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ତୀବ୍ର ରୂପ ନେଇଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନ ସହ ସମ୍ଭାବ୍ୟ ଯୁଦ୍ଧକୁ ନଜରରେ ରଖି ଭାରତର କେନ୍ଦ୍ର ସରକାର ନାଗରିକ ପ୍ରତିରକ୍ଷା ପ୍ରସ୍ତୁତିକୁ ମଜବୁତ କରିବା ନିମନ୍ତେ ବିଭିନ୍ନ ରାଜ୍ୟକୁ ମେ ୭ରେ ମକ୍ ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭ୍ୟାସ ଗ୍ରାମସ୍ତର ପର୍ଯ୍ୟନ୍ତ ହେବ ବୋଲି ଯୋଜନା କରାଯାଇଛି। ଏଥିରେ ଦେଶର ୨୪୪ଟି ବର୍ଗୀକୃତ ବେସାମରିକ ପ୍ରତିରକ୍ଷା ଜିଲ୍ଲାଗୁଡ଼ିକରେ ଅଭ୍ୟାସ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।'ମକ୍ ଡ୍ରିଲ'ର ଅର୍ଥ ହେଉଛି ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରକ୍ରିୟାଗୁଡ଼ିକୁ ପରୀକ୍ଷା ଏବଂ ଅଭ୍ୟାସ କରିବା, ପ୍ରସ୍ତୁତିର ମୂଲ୍ୟାଙ୍କନ ଏବଂ ସଙ୍କଟକାଳୀନ ପରିସ୍ଥିତିରେ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବା ନିମନ୍ତେ ବ୍ୟକ୍ତିମାନଙ୍କର ପ୍ରସ୍ତୁତିକୁ ବୃଦ୍ଧି କରିବା। ବିମାନ ଆକ୍ରମଣ ଚେତାବନୀ ପ୍ରଣାଳୀର ପ୍ରଭାବ ମୂଲ୍ୟାଙ୍କନ, ହଟଲାଇନ୍ କାର୍ଯ୍ୟକ୍ଷମ କରିବା, ଆଇଏଏଫ୍ ସହିତ ରେଡିଓ ଯୋଗାଯୋଗ ସଂଯୋଗ, ନିୟନ୍ତ୍ରଣ କକ୍ଷ ଏବଂ ଛାୟା କକ୍ଷର କାର୍ଯ୍ୟକାରିତା ପରୀକ୍ଷା କରିବା, ଶତ୍ରୁ ଆକ୍ରମଣ ଘଟଣାରେ ନିଜକୁ ରକ୍ଷା କରିବା ପାଇଁ ଛାତ୍ରମାନଙ୍କ ସମେତ ସାଧାରଣ ନାଗରିକଙ୍କୁ ପ୍ରତିରକ୍ଷା ଦିଗ ସମ୍ପର୍କରେ ତାଲିମ ଦେବା, ଯେକୌଣସି ଆକ୍ରମଣ ହେଲେ ନାଗରିକ ଏବଂ ପୁଲିସ ବାହିନୀ ଏକ ସ୍ଥାନାନ୍ତର ଯୋଜନା ପାଇଁ ତାଲିମ ନେବାର ବ୍ୟବସ୍ଥା ଏବଂ କ୍ରାସ୍ ବ୍ଲାକଆଉଟ୍ ପଦକ୍ଷେପ ପ୍ରଦାନ କରିବା ଏଥିରେ ଅନ୍ତର୍ଭୁକ୍ତ। ଏହାର ଲକ୍ଷ୍ୟ ହେଉଛି ଆତଙ୍କକୁ ହ୍ରାସ କରିବା, ଦ୍ୱନ୍ଦ୍ୱକୁ ଏଡ଼ାଇବା ଏବଂ ସଚେତନତା ଓ ପ୍ରସ୍ତୁତି ବୃଦ୍ଧି କରି ଜୀବନ ବଞ୍ଚାଇବା।୧୯୭୧ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଏୟାର ରେଡ୍ ଚେତାବନୀ ସାଇରନ୍ ବାଜିବା ବ୍ୟବସ୍ଥିତ ହୋଇଛି। ଯେତେବେଳେ ହମାସ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା ସେତେବେଳେ ଏହିପରି ସାଇରନ୍ ବାଜିବା ଜ୍ଞାତସାରକୁ ଆସିଥିଲା। ଉକ୍ତ ସାଇରନ୍ ମୂଳତଃ ସାଧାରଣ ନାଗରିକମାନଙ୍କୁ ବୋମା ମାଡ଼ ତଥା କ୍ଷେପଣାସ୍ତ୍ର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏକ ନିରାପଦ ସ୍ଥାନରେ ଆଶ୍ରୟ ନେବା ନିମନ୍ତେ ଏକ ଚେତାବନୀ ଅଟେ। ଏତଦ୍‌ବ୍ୟତୀତ ଶତ୍ରୁପକ୍ଷର ବିମାନ ଆକ୍ରମଣରୁ ସୁରକ୍ଷା ପାଇଁ ଯୁଦ୍ଧ ସମୟରେ ସହରଗୁଡ଼ିକରେ ଲାଇଟ୍ ବନ୍ଦ କରିବାର ପ୍ରକ୍ରିୟାକୁ 'ବ୍ଲାକଆଉଟ୍' କୁହାଯାଏ। ଏହା ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବା ନିମନ୍ତେ ସ୍ଥାନକୁ ଅନ୍ଧାର କରାଯିବା। ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳ, ଅନୁଷ୍ଠାନ ଅବା କୋଠାଗୁଡ଼ିକର ପ୍ରାରମ୍ଭିକ ଆବରଣ ପାଇଁ ବ୍ୟବସ୍ଥା କରାଯିବା ତଥା ଉକ୍ତ ପ୍ରତିଷ୍ଠାନଗୁଡ଼ିକରୁ ଦୃଶ୍ୟମାନ ଆଲୋକ ଏବଂ ଅନ୍ୟାନ୍ୟ ଚିହ୍ନଟଯୋଗ୍ୟ ସଙ୍କେତଗୁଡ଼ିକୁ ତୁରନ୍ତ ହ୍ରାସ କିମ୍ବା ଦୂର କରିବା ପାଇଁ ଅଭ୍ୟାସ କରାଯାଏ। ସାଧାରଣତଃ, ରାତ୍ର ସମୟରେ ଶତ୍ରୁମାନଙ୍କ ଦ୍ୱାରା ବିମାନ ଆକ୍ରମଣରୁ ସୁରକ୍ଷା ଏହାର ଉଦ୍ଦେଶ୍ୟ। ନିକଟ ଅତୀତରେ, କ୍ୟାଣ୍ଟନମେଣ୍ଟ ବୋର୍ଡ ଏବଂ ଷ୍ଟେସନ କମାଣ୍ଡରଙ୍କ ତତ୍ତ୍ୱାବଧାନରେ ଫିରୋଜପୁର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ୩୦ ମିନିଟର ବ୍ଲାକଆଉଟ୍ ଅଭ୍ୟାସ କରାଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ରାତି ୯ଟାରେ ସାଇରନ୍ ବାଜିବା ପରେ ଅଞ୍ଚଳର ସମସ୍ତ ଲାଇଟ୍ ବନ୍ଦ କରିଦିଆଯାଇଥିଲା। ଲାଇଟ୍ ଜଳୁଥିବା ଯାନଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ କୁହାଯାଇଥିଲା।ସରକାରଙ୍କର ଏହି ମକ୍‌ଡ୍ରିଲ୍‌ର ଔପଚାରିକ ଘୋଷଣା ପରେ ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକମାନେ ସାମାନ୍ୟ ଭୟଭୀତ ହେବାର କିଛି ଭିଡିଓ ନଜରକୁ ଆସୁଛି। ବାସ୍ତବରେ ଏହା ଆତଙ୍କର ସଙ୍କେତ ନୁହେଁ। ସରକାର ଚାହାନ୍ତି ଯେ ଲୋକମାନେ ଏହାକୁ ଏକ ପ୍ରସ୍ତୁତି ଅଭ୍ୟାସ ଭାବରେ ଗ୍ରହଣ କରନ୍ତୁ। ଏହି ଡ୍ରିଲ୍ କର୍ତ୍ତୃପକ୍ଷ ଏବଂ ଜନସାଧାରଣ ଉଭୟଙ୍କୁ ସେମାନଙ୍କର ଭୂମିକାକୁ ଭଲ ଭାବରେ ବୁଝିବାକୁ ସୁଯୋଗ ପ୍ରଦାନ କରିଥାଏ। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମର ଫଳାଫଳର ମୂଲ୍ୟାଙ୍କନ କରିବା ଏବଂ ଆବଶ୍ୟକ ହେଲେ ଏଥିରେ ଉନ୍ନତି ଆଣିବାର ଏହା ଏକ ପ୍ରକ୍ରିୟା।ଉକ୍ତ ଡ୍ରିଲ୍ କିମ୍ବା ବ୍ଲାକ୍‌ଆଉଟ୍ ସମୟରେ ସାଧାରଣ ନାଗରିକ ଶାନ୍ତ ରହିବା ସହ ସ୍ଥାନୀୟ ନିର୍ଦ୍ଦେଶାବଳୀ ପାଳନ କରିବା, ନିକଟରେ ପାଣି, ଔଷଧ ଓ ଟର୍ଚ୍ଚଲାଇଟ୍ ଭଳି ମୌଳିକ ଉପକରଣ ପ୍ରସ୍ତୁତ ରଖିବା ଉଚିତ। ସାମାଜିକ ଗଣମାଧ୍ୟମରେ ଗୁଜବ କିମ୍ବା ଅସମ୍ପୂର୍ଣ୍ଣ ଖବରକୁ ଗ୍ରହଣ ଏବଂ ବିତରଣ କରିବାରୁ ଦୂରେଇ ରହିବା ଜରୁରୀ। ଏଥିସହ ବିଦ୍ୟୁତ୍ କିମ୍ବା ଇଣ୍ଟରନେଟ୍ କିଛିସମୟ ପାଇଁ ବନ୍ଦ ହୋଇଗଲେ ଭୟଭୀତ ନହେବା ଏବଂ ପରିସ୍ଥିତି ସମ୍ବନ୍ଧରେ ଅଧିକ ସୂଚନା ପ୍ରାପ୍ତି ନିମନ୍ତେ ରେଡିଓ କିମ୍ବା ସରକାରୀ ଚ୍ୟାନେଲଗୁଡ଼ିକ ଶୁଣିବା, ସ୍ଥାନୀୟ ପ୍ରଶାସନିକ ଅଧିକାରୀ କିମ୍ବା ସେମାନଙ୍କ କାର୍ଯ୍ୟାଳୟ ଦ୍ୱାରା ଜନତାଙ୍କ ଉଦ୍ଦେଶ୍ୟରେ ହେଉଥିବା ଔପଚାରିକ ଘୋଷଣାକୁ ଗୁରୁତ୍ୱ ଦେବା ଏବଂ ସେଗୁଡ଼ିକୁ ସଠିକ ପାଳନ କରିବା, ସରକାରଙ୍କର ସମସ୍ତ ପଦକ୍ଷେପକୁ ନିଜର ସମର୍ଥନ ପ୍ରଦାନ କରିବା ସହ ତାଙ୍କର ପଦକ୍ଷେପ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ। ଏହାଦ୍ୱାରା ଶତ୍ରୁ ଆକ୍ରମଣରେ ଦେଶ କୌଣସି ଜଣେ ମଧ୍ୟ ନାଗରିକଙ୍କର କ୍ଷତି ହେବ ନାହିଁ ଏବଂ ସମସ୍ତେ ସୁରକ୍ଷିତ ରହିବେ।





# ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା



*୩୦ ବର୍ଷ ପରେ ମହିଳା ମାନେ ବିଶେଷକରି ଖାଦ୍ୟ ଯୋଜନା କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ଜରୁରୀ। ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସତେଜ ପନିପରିବା, ଶାଗ, ସ୍ୱାସ୍ଥ୍ୟପାଇଁ ଭଲ। ପୂର୍ବରୁ ଖାଉଥିବା କାର୍ବୋହାଇଡ୍ରେଟର ମାତ୍ରାକୁ କମ୍ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର। ସେହିପରି ସାଚ୍ୟୁରେଟେଡ ଫ୍ୟାଟ ଓ ତେଲ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ।*



ଆଜିର ସମୟରେ କମ୍ ବୟସରେ ମଧୁମେୟ, କର୍କଟ, ହୃଦ୍‌ଘାତ, ମୋଟାପଣ, ଉଚ୍ଚରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢୁଥିବାବେଳେ ବିଶେଷକରି ୩୦ ବର୍ଷ ପରର ଖାଦ୍ୟାଭ୍ୟାସ ସ୍ୱାସ୍ଥ୍ୟ ସଚେତନତା ଏକ ଜରୁରୀ ଚିନ୍ତନ। ବିଶେଷକରି ମହିଳା ମାନଙ୍କ ପାଇଁ ଏହାର ଗୁରୁତ୍ୱ ଅଧିକ ରହିଛି। ୩୦ ବର୍ଷ ପରେ ମହିଳା ମାନେ ବିଶେଷକରି ଖାଦ୍ୟ ଯୋଜନା କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ଜରୁରୀ। ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସତେଜ ପନିପରିବା, ଶାଗ, ସ୍ୱାସ୍ଥ୍ୟପାଇଁ ଭଲ। ପୂର୍ବରୁ ଖାଉଥିବା କାର୍ବୋହାଇଡ୍ରେଟର ମାତ୍ରାକୁ କମ୍ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର। ସେହିପରି ସାଚ୍ୟୁରେଟେଡ ଫ୍ୟାଟ ଓ ତେଲ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ। ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ। ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ। ମିକ୍ସ ଅଟା ଅର୍ଥାତ୍ ମକା, ବାହରା ଓ ଚଣାର ସମିଶ୍ରଣ। ମହିଳା ମାନଙ୍କ ବୟସ ୩୦ ଛୁଇଁବା ପରେ ମିଠା ଭିତରେ ଚିନିକୁ କମ୍ ସ୍ଥାନିତ କରି ବରଂ ଗୁଡ଼ ସ୍ୱାସ୍ଥ୍ୟ ପାଇଁ ଭଲ। ଥଣ୍ଡା ପାନୀୟ ହେଉ ବା ଚକୋଲେଟ ଏଥିରେ ଅଧିକ ପରିମାଣର ମିଠା ରହୁଥିବାରୁ ଶରୀରରେ କ୍ୟାଲୋରୀର ମାତ୍ର ବଢ଼ାଇ ଦିଏ। ଯାହାଦ୍ୱାରା ମଧୁମେହ ଓ କର୍କଟର ସମ୍ଭାବନା ରହିଥାଏ। ମୋଟାପଣ ଓ ହାଡ଼ ସମସ୍ୟା ମହିଳାଙ୍କ ପାଇଁ ଘାତକ ସମସ୍ୟା ସୃଷ୍ଟି କରିଥାଏ। ଏହି ବୟସରେ ଗୃହିଣୀ ହୁଅନ୍ତୁ ବା କର୍ମଜୀବୀ ଏପରିକି ସାଧାରଣ ମହିଳାଙ୍କ ଭିତରେ ଚା କଫିର ମାତ୍ରାଧିକ ବ୍ୟବହାର ବଢ଼ାଇ ଦେଇଥାନ୍ତି। ଏଥିରେ ରହୁଥିବା କ୍ୟାଫିନ୍ କୁପ୍ରଭାବ ପକାଇଥାଏ। ଗ୍ରୀନ ଟି ବା ଲେମନ ଟି ଖୁବ୍ ଭଲ। ମହିଳାମାନେ ଅଧିକ ଚା' ପିଇବା ଦ୍ୱାରା ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ, ବଦ୍‌ହଜମି ଓ ରକ୍ତଚାପକୁ ସାମ୍ନା କରିଥାନ୍ତି। ବାହାର ଖାଦ୍ୟକୁ ଗୁରୁତ୍ୱ ନ ଦେଇ ଘରୋଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ। କାରଣ ତଥାକଥିତ ଫାଷ୍ଟଫୁଡ଼୍ ବା ଜଙ୍କଫୁଡରେ ଅଧିକ ତେଲ ମସଲା ଓ କେମିକାଲଯୁକ୍ତ ଫ୍ଲେଭର ରହୁଥିବାରୁ ଏହା ଶରୀରରେ କୋଲେଷ୍ଟ୍ରୋରଲର ମାତ୍ରାକୁ ଧିରେ ଧିରେ ବଢ଼ାଇଦିଏ। ମହିଳାମାନେ ଏହି ବୟସରେ ମଇଦା ଠାରୁ ଦୂରେଇବା ଭଲ କାରଣ ଏହା ହଜମ ପାଇଁ ବାଧକ ହୋଇଥାଏ। ମଇଦା ଅପେକ୍ଷା ରୁଟି ଭଲ। ତେବେ ମକା, ବଜରା ଓ ଚଣା ମିଶ୍ରିତ ସମିଶ୍ରିତ ଅଟା ଖାଇବା ଦ୍ୱାରା ମୋଟାପଣ ଓ ମଧୁମେହ ସମସ୍ୟା କମିଯାଏ। ଆଜିର ସମାଜରେ ଅନେକ ମହିଳା ମଦ୍ୟପାନ ଓ ବିଭିନ୍ନ ନିଶା ସେବନ କରୁଛନ୍ତି। ମାନସିକ ଚାପ, ଚିନ୍ତା, ଅଭାବଗ୍ରସ୍ତତା ଏବଂ ବିଭିନ୍ନ ଅନ୍ୟାନ୍ୟ କାରଣରୁ କେହି କେହି ନିଶାସେବନ କରୁଥିଲେ ଏହା ସେମାନଙ୍କ କିଡ଼ନୀ ଓ ଲିଭରକୁ ବ୍ୟାପକ ଭାବେ କ୍ଷତି ଗ୍ରସ୍ତ କରିଥାଏ। ସେହିପରି ଆମିଷ ଖାଦ୍ୟ ଠାରୁ ଦୂରେଇଲେ ଭଲ। ତେବେ ଏହାକୁ ଖାଇବା ପାଇଁ ଆମେ ମନା କରୁନାହୁଁ କିନ୍ତୁ ମାଂସ ଖୁବ୍ ଗରିଷ୍ଠ ହୋଇଥିବାରୁ ଏବଂ ରେଡ଼ମିଟ ଓ ପ୍ରୋସେସ ମିଟ ଅନେକ ମହିଳା ଅଧିକ ଖାଉଥିବାରୁ ଏହା ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇଥାଏ। କିନ୍ତୁ ମାଛ ନିଶ୍ଚିନ୍ତ ଭାବରେ ଭଲ। ଆମିଷ ଠାରୁ ଏ ବୟସରେ ମହିଳାମାନେ ପନିପରିବା, ଫଳମୂଳ ଓ ଡ୍ରାଏଫ୍ରୁଡ ଖାଇପାରନ୍ତି। ଆମ୍ଭମାନଙ୍କ ଭିତରେ ଏକ ଧାରଣା ରହିଛି କଫିକ୍ରିମ ଖୁବ୍ ସାଧାରଣ ଜିନିଷ କିନ୍ତୁ ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ୍ ଏବଂ ଅଲଟ୍ରାଭାଓଲେଟ ରେଡିଏସନ ବ୍ଲକର ରହିଛି। କଫିକ୍ରିମ ଆମ ଲିଭର ଓ ଟିସୁକୁ ନଷ୍ଟ କରିବାରେ ସହଯୋଗ କରିଥାଏ। ଏହା ଟ୍ରାନ୍ସ ଫ୍ୟାଟ ସହିତ ପ୍ୟାକ କରାଯାଇଥାଏ। ଯେଉଁଥିରେ ହାଇଡ୍ରୋଜେନ୍‌ଡ୍ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ୍ ବୟସ୍କଙ୍କ ଠାରେ ସ୍ମୃତିଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ। ସେହିପରି ୩୦ ପରର ମହିଳା ମାନଙ୍କ ଭିତରେ ମୋଟାପଣ ଦେଖିବାକୁ ମିଳିଥାଏ। ଅନେକ ହୁଏତ ଜାଣିନଥାନ୍ତି ଏହା ଆପଣଙ୍କ ଲିଭର ଠିକ୍ ଭାବେ କାମ କରୁନଥିବାର ସଙ୍କେତ ହୋଇପାରେ। ତେଣୁ କୃତ୍ରିମ ମିଠା ଭଳି ବିଷାକ୍ତ ଖାଦ୍ୟ ପଦାର୍ଥ ଠାରୁ ମହିଳାମାନେ ଦୂରେଇ ରହିବା ଭଲ। ବିଶେଷକରି ସୁଗାରଫ୍ରି କ୍ୟାଣ୍ଡି ଓ ସ୍ନାକ୍ସ ଠାରୁ ଦୂରେଇବା ଜରୁରୀ। ଏହା ବ୍ୟତୀତ ମହିଳାମାନେ ଓଜନକୁ ନିଜ ନିୟନ୍ତ୍ରଣରେ ରଖନ୍ତୁ। ୩୦ବର୍ଷ ପରେ ମହିଳାମାନେ ଡାଏଟ୍ ପ୍ଲାନ ପ୍ରତି ଯତ୍ନଶୀଳ ହେବା ଅତ୍ୟନ୍ତ ଜରୁରୀ। ଦିନକୁ ତିନିଥର ମୁଖ୍ୟ ଖାଦ୍ୟ ସହ ଦୁଇଥର ଛୋଟିଆ ହାଲ୍‌କା ଜଳଖିଆ ନେଇପାରନ୍ତି। ତେବେ ଅଧିକାଂଶ ମହିଳା ସକାଳେ ଘରୋଇ କାର୍ଯ୍ୟ ବା ଅନ୍ୟାନ୍ୟ କାର୍ଯ୍ୟ ବାହାନାରେ ଖାଲି ପେଟରେ ରହୁଥିବାରୁ ଏହା ସେମାନଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ତେଣୁ ସକାଳ ଜଳଖିଆ ଅତ୍ୟନ୍ତ ଜରୁରୀ। ଖାଦ୍ୟ ତାଲିକାକୁ ସନ୍ତୁଳନ ରଖି ପ୍ରୋଟିନକୁ ଗୁରୁତ୍ୱ ଦିଅନ୍ତୁ। ଆପଣଙ୍କ କର୍ମବ୍ୟସ୍ତତାକୁ ଦେଖି ସଠିକ୍ ସମୟରେ ନିଦ୍ରା ଯାଆନ୍ତୁ। ଏହି ବୟସରେ ହରମୋନାଲ ପରିବର୍ତ୍ତନ ହେଉଥିବାରୁ ଥାଇରଏଡ଼ ସମସ୍ୟାରୁ ରକ୍ଷା ପାଇବା ପାଇଁ ସତର୍କ ରୁହନ୍ତୁ। କ୍ୟାଲସିୟମ ସ୍ତରକୁ ବଜାୟ ରଖିବା ପାଇଁ ଆପଣଙ୍କ ଖାଇବା ତାଲିକାରେ କ୍ଷୀର ଓ ଆଲମଣ୍ଡକୁ ଗୁରୁତ୍ୱ ଦିଅନ୍ତୁ।

ଷ୍ଟ୍ରେସକୁ ନିୟନ୍ତ୍ରିତ କରିବା ପାଇଁ ଯୋଗ ଓ ବ୍ୟାୟାମ ଖୁବ୍ ଭଲ। ୩୦ବର୍ଷ ପରର ମହିଳା ମାନଙ୍କ ପାଇଁ ପନିର ଦହି, କ୍ଷୀର ଜାତୀୟ ଖାଦ୍ୟକୁ କମ୍ କରି ପାରିଲେ ଭଲ ଏହା ବଦଳରେ ଅଧିକ ଫଳ ଓ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ୩୦ବର୍ଷ ପରର ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟକୁ ନେଇ ଭୟଭୀତ ହେବାର ସେପରି କିଛି କାରଣ ନାହିଁ। କିନ୍ତୁ ଆପଣଙ୍କ ସ୍ୱାସ୍ଥ୍ୟର ସୁନ୍ଦରତା, ସତେଜତା ଓ ସୁସ୍ଥତାକୁ ବଜାୟ ରଖିବା ପାଇଁ ଖାଦ୍ୟ ପ୍ରଣାଳୀର ସଠିକ ପରିମାଣ ଓ ସଠିକ ମାତ୍ରା ଖୁବ୍ ଭଲ। ସରକାରୀ ବ୍ୟବସ୍ଥାରେ ଥିବା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଦେଖିବେ ୩୦ ପରେ ଆପଣଙ୍କ ବୟସ ବଢ଼ିଲେ ମଧ ଆପଣ ସେହିପରି ସୁନ୍ଦର, ଅକ୍ଷୁର୍ଣ୍ଣ ସତେଜତା ସହ ପୂର୍ବପରି ଆପଣଙ୍କ ଭିତରେ କର୍ମଚଞ୍ଚଳତା ଓ ଧାଁ ଧଉଡ ବ୍ୟସ୍ତତା ମଧରେ ଆପଣ ଆପଣଙ୍କ ଶରୀରକୁ ନେଇ ଆଦୌ ଦୁଃଖିତ ହେବେନାହିଁ।



## ଡାଇବେଟିସ୍ ନିୟନ୍ତ୍ରଣ କରେ କଖାରୁ ମଂଜି

ପ୍ରାୟ ସମସ୍ତେ କଖାରୁ ମଞ୍ଜିକୁ ଫୋପାଡ଼ି ଦେଇଥା'ନ୍ତି। କିନ୍ତୁ ଆପଣଙ୍କୁ ହୁଏତ ଜଣା ନଥିବ, କଖାରୁ ମଞ୍ଜିରେ ଅନେକ ଔଷଧୀୟ ଗୁଣ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଆମିନୋ ଏସିଡ୍, ଆଇରନ୍ ଓ ପୋଟାସିୟମ୍ ପରି ଅନେକ ପୋଷକ ତତ୍ତ୍ୱ ରହିଛି। କଖାରୁ ମଞ୍ଜି ଶରୀରକୁ ଇନ୍ଫେକ୍ସନ୍ରୁ ଦୂରେଇ ରଖିବା ସହିତ ଆହୁରି ଅନେକ ରାଗରୁ ରକ୍ଷା କରିଥାଏ। ଆସନ୍ତୁ ଜାଣିବା, କଖାରୁ ମଞ୍ଜି ଖାଇଲେ କେଉଁ ସବୁ ଲାଭ ମିଳିଥାଏ। କଖାରୁ ମଞ୍ଜି ରକ୍ତରେ ସୁଗାର୍ର ସ୍ତରକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଭରପୂର ମାତ୍ରାରେ ଫାଇବର୍ ଓ ପ୍ରୋଟିନ୍ ରହିଛି। ଫାଇବର୍ ରକ୍ତରେ ମିଶି ଅଧିକ ସୁଗାରକୁ ଶୋଷଣ କରିଥାଏ। ଫଳରେ ରକ୍ତରେ ସୁଗାରର ସ୍ତର ନିୟନ୍ତ୍ରଣରେ ରହିଥାଏ। ସେଥିପାଇଁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇବା ଉଚିତ୍। ତେବେ ସେମାନେ ଏହା ପୂର୍ବରୁ କୌଣସି ଆୟୁର୍ବେଦିକ ଡାକ୍ତରଙ୍କ ପରାମର୍ଶ ନେଲେ ଭଲ। କ୍ୟାନସର୍ ସେଲର ବୃଦ୍ଧିକୁ ବନ୍ଦ କରିଥାଏ କଖାରୁ ମଞ୍ଜିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଶରୀରରେ ବିକାଶିତ ହେଉଥିବା କ୍ୟାନସର୍ ସେଲ୍ ସହିତ ଲଢ଼େଇ କରିଥାଏ ଓ ସେଗୁଡ଼ିକୁ ବଢ଼ିବାକୁ ଦେଇ ନଥାଏ। କଖାରୁ ମଞ୍ଜିରେ ଥିବା ଆଣ୍ଟି-କ୍ୟାନସର୍ ଗୁଣ ବ୍ରେଷ୍ଟ କ୍ୟାନସର୍କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ବ୍ଲାଡରକୁ ଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ କରାଏ ମୂତ୍ରାଶୟରେ ପ୍ରୋଷ୍ଟେଟ୍ ଗ୍ଲାଣ୍ଡର ବୃଦ୍ଧି ହେଲେ ପୁରୁଷଙ୍କ କ୍ଷେତ୍ରରେ ପରିସ୍ରା ସମସ୍ୟା ଦେଖାଯାଇଥାଏ। କଖାରୁ ମଞ୍ଜି ଖାଇଲେ ଏହି କଷ୍ଟରୁ ମୁକ୍ତି ମିଳେ। ଏହି ମଞ୍ଜିରେ ଥିବା ତେଲ ଅଂଶ ବ୍ଲାଡରର ଫଙ୍କ୍ସନକୁ ଠିକ୍ କାର୍ଯ୍ୟକ୍ଷମ କରାଇବା ସହିତ ପ୍ରୋଷ୍ଟେଟ୍ ଗ୍ଲାଣ୍ଡକୁ ବଢ଼ିବାକୁ ଦେଇ ନଥାଏ। ହୃତପିଣ୍ଡକୁ ସୁସ୍ଥ ରଖିଥାଏ କଖାରୁ ମଞ୍ଜିରେ ଥିବା ତେଲ ଅଂଶ ହୃତପିଣ୍ଡ ପାଇଁ ଭାରି ଭଲ। ଏହା ହୃତପିଣ୍ଡକୁ ସୁସ୍ଥ ରଖିବା ସହିତ ଏହାକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏଥି ସହିତ ଏହା ଶରୀରରେ ନାଇଟ୍ରିକ୍ ଅକସାଇଡ୍ର ସ୍ତରକୁ ବଢ଼ାଇଥାଏ। ନାଇଟ୍ରିକ୍ ଅକସାଇଡର କାର୍ଯ୍ୟ ହେଉଛି, ଏହା ରକ୍ତ ବାହିକାକୁ ପତଳା କରିଥାଏ ଏବଂ ହୃତପିଣ୍ଡକୁ ଠିକ୍ ଭାବରେ ରକ୍ତ ସଞ୍ଚାଳନ କରିଥାଏ।



## ଦେହରେ ନିଆଁ ଲାଗିଗଲେ

*ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା'ର ଉପଚାର ଠିକ୍ ସମୟରେ କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ତା'ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା'ହେଲେ ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ୍ ଏବଂ କ'ଣ ନ କରିବା ଉଚିତ୍।*

ନିଆଁ ବା କୌଣସି ଗରମ ଜିନିଷ ସଂସ୍ପର୍ଶରେ ଆସି ଶରୀରର କୌଣସି ସ୍ଥାନ ପୋଡ଼ି ଯିବା ଏକ ସାଧାରଣ କଥା। ତେବେ ନିଆଁରେ ପୋଡ଼ି ହୋଇ କିମ୍ବା ବିଦ୍ୟୁତ୍ ଆଘାତରେ ଲୋକଙ୍କ ମୃତ୍ୟୁ ବି ଘଟିଥାଏ। ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା'ର ଉପଚାର ଠିକ୍ ସମୟରେ



କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ତା'ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା'ହେଲେ ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ୍ ଏବଂ କ'ଣ ନ କରିବା ଉଚିତ୍। ତେବେ ତା'ପୂର୍ବରୁ ବର୍ଣ୍ଣ ବା ଜଳାପୋଡ଼ା କେତେ ପ୍ରକାରର, ତାହା ଜାଣିବାର ଆବଶ୍ୟକତା ରହିଛି।

- ◆ ଫ୍ଲେମ୍ ବର୍ଣ୍ଣ: ଶାଢ଼ୀ ବା ଡ୍ରେସରେ ନିଆଁ ଲାଗିଯିବାରୁ ଶରୀରର କୌଣସି ଅଂଶ ପୋଡ଼ିଯିବା
- ◆ ସ୍କାଲ୍ଡ଼ ବର୍ଣ୍ଣ: ଦେହରେ କୌଣସି ଗରମ ଜିନିଷ ପୋଡ଼ିଯିବା, ଯେପରିକି ଗରମ ଡାଲି, କ୍ଷୀର ବା ପିଚୁ
- ◆ ଇଲେକ୍ଟ୍ରିକ୍ ବର୍ଣ୍ଣ: ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡ଼ି ହୋଇଯିବା

■ ଯଦି ଫ୍ଲେମ୍ ବର୍ଣ୍ଣ ବା ଆପଣଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଛି, ତେବେ ସଙ୍ଗେ ସଙ୍ଗେ ଯେଉଁ ଶାଢ଼ୀରେ ନିଆଁ ଲାଗିଛି, ତାକୁ କାଢ଼ି ଦିଅନ୍ତୁ। ଦ୍ୱିତୀୟରେ ଯେଉଁ ସ୍ଥାନ ପୋଡ଼ି ହୋଇଛି, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ। ଯେ ପର୍ଯ୍ୟନ୍ତ ଆପଣଙ୍କ ପୋଡ଼ା ନ କମିଛି ସେ ପର୍ଯ୍ୟନ୍ତ ପାଣିରେ ତାକୁ ବୁଡ଼ାଇ ରଖନ୍ତୁ। ତା' ପରେ ଘରେ ଯଦି କୌଣସି ଆ[ିସେପ୍ଟିକ୍ ଅଏ[ମେ[ ଅଛି ଲଗାନ୍ତୁ ଓ ଡାକ୍ତରଙ୍କ ପାଖକୁ ଯାଆନ୍ତୁ। ଯଦି ଘରେ କୌଣସି ଆ[ିସେପ୍ଟିକ୍ ଅଏ[ମେ[ ନାହିଁ, ତା'ହେଲେ ଗୋଟିଏ ସଫା କପଡ଼ାରେ ପୋଡ଼ା ସ୍ଥାନକୁ ଗୁଡ଼ାଇ ନିକଟସ୍ଥ ଡାକ୍ତରଖାନା ଯାଇ ଡ୍ରେସିଂ କରନ୍ତୁ। ଡ୍ରେସିଂ କରିବା ଦ୍ୱାରା ଆପଣଙ୍କର ପୋଡ଼ା ଘା' ଶୀଘ୍ର ଶୁଖିଥାଏ।

■ ଯଦି ସ୍କାଲ୍ଡ଼ ବର୍ଣ୍ଣ ହେଉଛି ବା ଆପଣଙ୍କ ଦେହରେ କୌଣସି ଗରମ ଜିନିଷ ପୋଡ଼ି ଯାଉଛି, ତା'ହେଲେ ବି ପାଣିର ସାହାଯ୍ୟ ନିଅନ୍ତୁ। ଶରୀର ଯେଉଁ ସ୍ଥାନରେ ଗରମ ଜିନିଷ ପଡୁଥିବ, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ। ପୋଡ଼ିଥିବା ସ୍ଥାନର ଯନ୍ତ୍ରଣା କମିବା ପରେ ପାଣିରୁ ଉକ୍ତ ଅଙ୍ଗକୁ ବାହାର କରନ୍ତୁ ଓ ପାଣିରୁ ବାହାର କରିବା ପରେ ସେଥିରେ ଆ[ିସେପ୍ଟିକ୍ ଅଏ[ମେ[ ଲଗାନ୍ତୁ। ଏହା ପରେ ବି ଅଧିକ ପୋଡ଼ାଜଳା ହେଉଥିଲେ ଡାକ୍ତରଙ୍କ ପାଖକୁ ଯାଆନ୍ତୁ।

■ ତୃତୀୟରେ ହେଉଛି ଇଲେକ୍ଟ୍ରିକ୍ ବର୍ଣ୍ଣ ବା ବିଦ୍ୟୁତ୍ ଜନିତ ପୋଡ଼ାଜଳା। ଦୈବାତ୍ କେହି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଲେ ପ୍ରଥମେ ବିଦ୍ୟୁତ୍ ପ୍ରବାହକୁ ବନ୍ଦ କରିବାକୁ ବା ବିଚ୍ଛିନ୍ନ କରିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣଙ୍କ ଆଖପାଖରେ କୌଣସି ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଦେଖନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ହାତ ଲଗାଇ ଭିଡ଼ନ୍ତୁ ନାହିଁ। ଯେକୌଣସି ଶୁଖିଲା କାଠ, ବାଡ଼ି ବା ବାଉଁଶରେ ତାଙ୍କୁ ବିଦ୍ୟୁତ୍ ଠାରୁ ଅଲଗା କରିବାକୁ ଚେଷ୍ଟା କରନ୍ତୁ।



ଏହା ପରେ ଶରୀରର ଯେଉଁ ସ୍ଥାନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା, ସେହି ସ୍ଥାନ ପୋଡ଼ି ଛି କି ନାହିଁ ପ୍ରଥମେ ଦେଖନ୍ତୁ। ଯଦି ପୋଡ଼ିଥିବ, ତା'ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇ ଯାଆନ୍ତୁ। ଇଲେକ୍ଟ୍ରିକ୍ ବର୍ଣ୍ଣରେ ମାଂସପେଶୀ ନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ। କେବଳ ଏତିକି ନୁହେଁ, ଏଥିରେ ହୃଦଘାତ ହେବାର ଆଶଙ୍କା ମଧ ରହିଥାଏ। ଏଥିପାଇଁ ଡାକ୍ତରଖାନାରେ ପ୍ରଥମେ ସେହି ବ୍ୟକ୍ତିଙ୍କର ଇସିଜି କରନ୍ତୁ। ବିଦ୍ୟୁତ୍ ଆଘାତରେ ଶରୀରରେ ମାଂସପେଶୀ ଫୁଲି ଯାଏ। ଏଣୁ ଶରୀରରେ ରକ୍ତ ସଂଚାଳନ ବନ୍ଦ ହୋଇଯାଏ। ଏଥିପାଇଁ ଡାକ୍ତରଙ୍କ କହିବା ଅନୁସାରେ ଏହାର ପ୍ରାଥମିକ ଚିକିତ୍ସା କରନ୍ତୁ।

## ଖାଦ୍ୟ ଠିକ୍ ଭାବେ ହଜମ ହେଉ ନଥିଲେ



**ଏମିତି ବି ଅନେକ ଅଛନ୍ତି, ଯେଉଁମାନେ କୁହନ୍ତି ଯେ ଖାଇବାକୁ ଇଚ୍ଛା ହେଉନି, ସେମାନଙ୍କୁ ଭୋକ ଲାଗୁନି। ଏକଥା କହୁଥିବା ଲୋକଙ୍କ ଠାରେ ହଜମ କ୍ରିୟା ଜନିତ ସମସ୍ୟା ଅଛି ବୋଲି ଧରିବାକୁ ହେବ। ପ୍ରଥମେ ଜାଣିବାକୁ ହେବ ଯେ କାହିଁକି ଏମିତି ହୁଏ ?**



ଯଦି ଦିନ ଭିତରେ ଆପଣ ଅନ୍ୟୁନ ଛଅ ଘଣ୍ଟା ନ ଶୋଇଥାନ୍ତି, ତେବେ ଏହା ଏକ ଅନିୟମିତ ଜୀବନରେଖା ବୋଲି ଧରିବାକୁ ହେବ। ପ୍ରାକୃତିକ ଉପାୟରେ ଏହି ସମସ୍ୟାରୁ ମୁକ୍ତ ହୋଇପାରିବେ। ଏଥିପାଇଁ ଆପଣଙ୍କୁ ବ୍ୟାୟାମ କରିବା ଉଚିତ। ସୂର୍ଯ୍ୟ ନମସ୍କାର, କପାଳ ଭାତି, ପବନ ମୁକ୍ତାସନ ଆଦି ଯୋଗାସନ ଏଥିପାଇଁ ସବୁଠାରୁ ଭଲ। ଆଉ ଏକ କଥା ହେଲା ଯେ ଖାଦ୍ୟର ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ। ଏହା ଆପଣଙ୍କ ଉପରେ ନିର୍ଭର କରେ, ଦିନକୁ ତିନିଥର ପେଟ ପୁରା ଭୋଜନ କରି ପାରନ୍ତି, ଅଥବା ୫-୬ ଥର କମ୍ କମ୍ ଖାଦ୍ୟ ଗ୍ରହଣ କରିପାରନ୍ତି। ସେଓ, ଅମୃତଭଣ୍ଡା, କମଳା, ଅଙ୍ଗୁର ଆଦି ଫଳର ହଜମ କ୍ରିୟା ଭଲ ହୋଇଥାଏ। ଭୋଜନରେ ସାଲାଡ୍, ଧନିଆ ପତ୍ର, କଦଳୀ, ବ୍ରୋକଲି ଆଦି ଖାଦ୍ୟ ସାମିଲ କରିଲେ ତାହା ବି ଅଧିକ ଉପଯୋଗୀ ହେବ।

# କାଳ ସାଜିଲା ଭୋଜିକୁ ଯିବା

## ଟାଟାଏସି ଓଲଟି ୨ ମୃତ ୧୫ ରୁ ଊର୍ଦ୍ଧ୍ୱ ଆହାତ



ବେଲଗୁଣ୍ଠା **୧୪/୫(ନି.ପ୍ର):** ସୋରଡ଼ା ଭଞ୍ଜନଗର ର ମୁଖ୍ୟ ରାସ୍ତାର ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗ୍ରାମ ନିକଟ ବୁଲାଣି ରାସ୍ତାରେ ମଙ୍ଗଳବାର ଏକ ଟାଟାଏସି ଗାଡି ଭାରସାମ୍ୟ ହରାଇ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ସୋରଡ଼ା ନିକଟସ୍ଥ ବାଘଲିଙ୍ଗିରୁ ସାନକୋରସିଙ୍ଗି ନିକଟ ବ୍ରାହ୍ମଣଦେବୀ ମନ୍ଦିର କୁ ବୋଦା ଭୋଜି ଖାଇବାକୁ ଗାଡ଼ିରେ ଯାଉଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦା ତୁରନ୍ତ ସମସ୍ତ ଆହାତଙ୍କୁ ଉଦ୍ଧାର କରି ଭଞ୍ଜନଗର ଓ ସୋରଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଭଞ୍ଜନଗର ମେଡିକାଲ ରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଚାରି ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲ କୁ ରେଫର କରିଛନ୍ତି । ମୃତ ଦୁଇ ଜଣ ବାଘଲିଙ୍ଗିର ବାଦଲ ଗୌଡ଼(୧୫) ଓ କେଶରୀ ପାଟଶାର ଚନ୍ଦ୍ରମା ଗୌଡ (୨୭) ବୋଲି ଜଣାପଡିଛି । ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ମେଡିକାଲ ରେ ପହଞ୍ଚି ଆହାତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ସୂଚନାନୁସାରେ, ମଙ୍ଗଳବାର ସକାଳୁ ସୋରଡ଼ା ନିକଟ ବାଘଲିଙ୍ଗି ଗ୍ରାମରୁ ଏକ ଟାଟାଏସି ଗାଡିରେ ୧୭ରୁ ଊର୍ଦ୍ଧ୍ୱ ଲୋକ ବସି ବେଲଗୁଣ୍ଠା ବ୍ଲକ ସାନକୋରସିଙ୍ଗି ଅଭିମୁଖେ ବଳି ବୋଦା ଭୋଜି ଖାଇବାକୁ ଯାଉଥିଲେ । ମୃତ ଗାଡିରେ ଆସୁଥିବା ଗାଡ଼ିଟି କୁଲାଙ୍ଗି ନିକଟରେ ହଠାତ୍ ଭାରସାମ୍ୟ ହରାଇ ଏକ କଲଭର୍ଟରେ ଧକ୍କା ହୋଇ ଓଲଟି ପଡ଼ିଥିଲା।ଫଳରେ ଗାଡିରେ ଥିବା ପୂଜା ଗୌଡ଼,ସଂଗୀତା ଗୌଡ଼,ହାଡ଼ିଆଣୀ ଗୌଡ଼, ସ୍ୱପ୍ନରାଣୀ ଗୌଡ଼,ଚନ୍ଦନ ଗୌଡ଼,ସଞ୍ଜୁ ଗୌଡ଼,ପ୍ରକାଶ ଚନ୍ଦ୍ର ଗୌଡ଼,ଅନିତା ଗୌଡ଼, କୁନ୍ଦନ ଗୌଡ଼,ମାଗତା ଗୌଡ଼,ଝିଆନି ଗୌଡ଼,ବାଦଲ ଗୌଡ଼, ଚନ୍ଦ୍ରମା ଗୌଡ଼ ଙ୍କ ସମେତ ଅନ୍ୟ ମାନେ ଆହାତ ହୋଇଥିଲେ।ସ୍ଥାନୀୟ ବାସିନ୍ଦା ତୁରନ୍ତ ସମସ୍ତ ଆହାତଙ୍କୁ ଉଦ୍ଧାର କରି ଭଞ୍ଜନଗର ଓ ସୋରଡ଼ା ମେଡିକାଲ ରେ ଭର୍ତ୍ତି କରିଥିଲେ।ବାଦଲ ଓ ଚନ୍ଦ୍ରମା ଙ୍କୁ ଭଞ୍ଜନଗର ମେଡିକାଲ ରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନିତା,ସଙ୍ଗିତା ଓ ପ୍ରକାଶଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଭଞ୍ଜନଗର ମେଡିକାଲ ରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି ।ଅନ୍ୟ ଆହାତ ମାନେ ସୋରଡ଼ା ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି।ମାନସିକ ବୋଦା ଭୋଜି ଖାଇବାକୁ ଯାଉଥିବା ଦୁଇ ଜଣଙ୍କ ପାଇଁ ଶେଷ ଯାତ୍ରା ହୋଇପଡିଛି । ଏହି ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା,ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ,ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମେଡିକାଲ ରେ ପହଞ୍ଚି ଆହାତ ଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ମେଡିକାଲ କର୍ତ୍ତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଗାଙ୍ଗପୁର ପୁଲିସ ଓ ପରିବହନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୧୮ ବଳଦ ଉଦ୍ଧାର ୨ ଗିରଫ

ପାଟଣା **୧୪/୫(ନି.ପ୍ର):**ପାଟଣା ବ୍ଲକ ଅଞ୍ଚଳ ତୁରୁମୁଙ୍ଗା ଥାନା ପୁଲିସ ସୋମବାର ୧୮ ଟି ବଳଦ କୁ ଖିରୋଟାଙ୍ଗିରି ପଥାର ର ଫାଟକ ନିକଟରୁ ଉଦ୍ଧାର କରି ରାଜନଗର ଗୋଶାଳା ରେ ଛାଡିଛି । ସୂଚନା ଅନୁଯାୟୀ ବଳଦ ବେପାରୀ ମାନେ ବଳଦ ଗୁଡ଼ିକୁ ପାଦ ରେ ଚଲାଇ ଚଲାଇ ନେଉଥିବା ସମୟ ରେ ବଜରଙ୍ଗଦଳ କର୍ମୀ ମାନେ ଅଟକ ରଖି ତୁରୁମୁଙ୍ଗା ପୁଲିସ କୁ ଖବର ଦେଇଥିଲେ।ବଳଦ କୁ ଚଲାଇ ଚଲାଇ ନେଉଥିବା ଦୁଇ ବଳଦ ବେପାରୀ ଙ୍କୁ ତୁରୁମୁଙ୍ଗା ପୁଲିସ ଅଟକ ରଖି ତଦନ୍ତ କରିବା ସହ ଆଜି ବାରିଆ ଥାନା ଅଞ୍ଚଳ ର ଏହି ଦୁଇ ଗୋରୁ ବେପାରୀ କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବଜ୍ରାଘାତ ରେ ବଳଦ ମୃତ

ପାଟଣା **୧୪/୫(ନି.ପ୍ର):** ଘଟଗାଁ ବ୍ଲକ ତୋରାଣିପୋଖରୀ ପଞ୍ଚାୟତ ପୋଇପାଣି ଗ୍ରାମରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ବଜ୍ରପାତ ରେ ଗୋଟିଏ ବଳଦ ପ୍ରାଣ ହରାଇଛି । ଗ୍ରାମର ମାନସ କୁମାର ମୁଣ୍ଡାଙ୍କ ବଳଦଟି ବଜ୍ରପାତ ରେ ପ୍ରାଣ ହରାଇଛି । ଏନେଇ ରାଜସ୍ୱ ନିରୀକ୍ଷକ ଘଟଣାର ତଦନ୍ତ କରିଥିବା ସୂଚନା ମିଳିଛି । ସରକାରୀ ନିୟମ ଅନୁଯାୟୀ ତାଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

## ଠିକାଦାର ଙ୍କ ମନମୁଖୀ କାର୍ଯ୍ୟ ପାଇଁ ଦୋକାନ ଭିତରେ ପଶିଲା ବର୍ଷା ପାଣି

ପାଟଣା **୧୪/୫(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ଚାକୁଣ୍ଡପାଳ ଗ୍ରାମ ପଞ୍ଚାୟତ ର ଶରଧାପୁର ଛକରେ ଥିବା ଏକ ଡେଜରାତି ଦୋକାନ ରେ ଗତରାତି କାଳବୈଶାଖୀ ବର୍ଷା ପାଣି ପଶି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି । ସୂଚନା ରୁ ଜଣା ପଡ଼ିଛି ଯେ ସେହି ଛକ ନିକଟରେ ଏକ ଖେଳ ପଡିଆ ନିର୍ମାଣ କରାଯାଉଛି । ଖେଳ ପଡିଆର ପାଣି ନିଷ୍କାସନ ହେବା ପାଇଁ ଗୋଟିଏ ଦିଗରେ ଡ୍ରେନ ରଖାଯାଇଥିବା ବେଳେ, ତାହା ଉଚ୍ଚ ରେ ରହିଥିବା ଯୋଗୁଁ ନିମ୍ନ ଭାଗକୁ ପଡିଆର ପାଣି ମାଡି ଆସିଥିଲା । ସେଠାରେ ଗ୍ରାମର ଟସ୍କର ନାୟକ ଦେଇଥିବା ଏକ ଗ୍ରୋସରୀ ଦୋକାନ ଭିତରେ ପାଣି ପଶିଯାଇ ଲକ୍ଷାଧିକ ଟଙ୍କାର ଗ୍ରୋସରୀ ଜିନିଷ ନଷ୍ଟ ହୋଇଯାଇଛି । ଆଉ ଏକ ଠିକା ସଂସ୍ଥା ଦ୍ୱାରା ଶରଧାପୁର ରାସ୍ତା ସହିତ ଡ୍ରେନ କାମ କରାଯାଉଛି । କିନ୍ତୁ ରାସ୍ତା କାର୍ଯ୍ୟଭାର ନେଇଥିବା ଠିକା ସଂସ୍ଥା ମନ ମୁଖି କାର୍ଯ୍ୟ କରୁଥିବା ଯୋଗୁଁ ବର୍ଷା ପାଣି ନିଷ୍କାସନ ହେବାପାଇଁ ଥିବା ଡ୍ରେନ କୁ ଅଧା କରି ରଖି ଦେଇଥିଲା । ଯାହାଫଳରେ ପଡିଆ ର ବର୍ଷା ପାଣି ଆସି ଡ୍ରେନ ରେ ଯାଇପାରିନଥିବା ଟସ୍କର ନାୟକ ଙ୍କ ଗ୍ରୋସରୀ ଦୋକାନ ଭିତରେ ପାଣି ପଶି ଯାଇଥିଲା । ଦୁଇ ଠିକାଦାର ଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଶରଧାପୁର ଛକରେ ଥିବା ଏହି ଗ୍ରୋସରୀ ଦୋକାନ ରେ ବର୍ଷା ପାଣି ପଶି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି । କ୍ଷତି ହୋଇଥିବା ଦୋକାନ ର ଲକ୍ଷାଧିକ ଜିନିଷ ର କ୍ଷତି ପୂରଣ ଉଭୟ ଦୁଇ ଠିକାଦାର ଭରଣା ଦେବା ପାଇଁ ସାଧାରଣ ରେ ଦାବୀ ହେଉଛି । ସେହିପରି ସେହି ଛକ ର ମଦନ ମହାନ୍ତ ଓ ଆଡ଼ାରାମ ନାୟକ ଙ୍କ ଦୋକାନ ରେ ମଧ୍ୟ ପାଣି ପଶି ଜିନିଷ ପତ୍ର ନଷ୍ଟ ହୋଇଥିବା ଜଣାପଡିଛି।

## ଡ୍ରେନ କାମ ଅଧା ପନ୍ତରିଆ , ଘରେ ପଶିଲା ବର୍ଷା ପାଣି

ପାଟଣା **୧୪/୫(ନି.ପ୍ର):** ଘଟଗାଁ ବ୍ଲକ ପୋଇପାଣି ଗ୍ରାମରେ ରାସ୍ତା ଉନ୍ନତି କରଣ କରାଯାଇ ଡ୍ରେନ ନିର୍ମାଣ କରାଯାଉଥିବା ବେଳେ ଅଧାପନ୍ତରିଆ ଡ୍ରେନ କାମ ଯୋଗୁଁ ଲୋକେ ନିଜ ଘରକୁ ଯିବା ଆସିବା କରିବା ରେ ମଧ୍ୟ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏପରିକି କାଳବୈଶାଖୀ ବର୍ଷା ରେ ଡ୍ରେନ ବୁଡି ଘର ଭିତରେ ମଧ୍ୟ ପାଣି ପଶି ଯାଉଛି । ଯାହାକୁ ନେଇ ଗ୍ରାମରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି । ସପ୍ତାହକ ମଧ୍ୟରେ ଡ୍ରେନ କାମ ନସାରିଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।



## ଦଶମରେ ଆଇଏନଏସ ଚିଲିକା ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାଜିମାତ

ବାଲୁଗାଁ **୧୪/୫(ନି.ପ୍ର):**କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସଇ) ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ମଙ୍ଗଳବାର ଦିନ ପ୍ରକାଶିତ ହୋଇଥିବା ବେଳେ ଆଇଏନଏସ ଚିଲିକା ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରୁ ଚଳିତ ବର୍ଷ ୭୨ ଜଣ ଦଶମ ପରୀକ୍ଷା ଦେଇଥିଲେ ।ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବା ବେଳେ କେ ସ୍ୱୟଂ ପ୍ରସାଦ ପାତ୍ର ଶତକଡ଼ା ୯୯.୬ ଶତକଡା ମାର୍କ ରଖି ଟପ୍ପର ରହିଛନ୍ତି ।ସେହିପରି ଦ୍ୱାଦଶରେ ୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୭ ଜଣ ପାସ କରିଛନ୍ତି ।ତନ୍ମଧ୍ୟରୁ ବିଜ୍ଞାନରେ ଆର୍ଯ୍ୟ ଅଂଶୁମାନ ଓଝା ୯୮ ଶତକଡ଼ା ମାର୍କ ଓ ବାଣିଜ୍ୟରେ ମାଶିଦା ଅକ୍ତର ୯୭.୬ ଶତକଡା ମାର୍କ ରଖି ଟପ୍ପର ହୋଇଛନ୍ତି ।ପାସ ହାର ୯୭.୩୭ ଶତକଡ଼ା ରହିଥିବାବେଳେ ଜଣେ କମ୍ପାର୍ଟମେଣ୍ଟାଲ ରହିଛନ୍ତି ।ଅନୁରୂପ ଭାବେ ବାଲୁଗାଁ ସ୍ଥିତ  ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରୁ ୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୯ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ଯାହାକି ପାସହାର ୯୫ ପ୍ରତିଶତ ରହିଛି ।ଉକ୍ତ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ପ୍ରିୟଦର୍ଶିନୀ ୯୪.୭୩ ଶତକଡା ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ।

## ଓଡିଶା ରକ୍ତଦାତା ମହାସଂଘ ପକ୍ଷରୁ ୪୫ ଟି ସ୍ଥାନରେ ରକ୍ତଦାନ ଶିବିର

ବୁଗୁଡା **୧୪/୫(ନି.ପ୍ର):** ରାଜ୍ୟରେ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହୁଏ। ସାମ୍ପ୍ରତିକ ପରିସ୍ଥିତିରେ ସାରା ରାଜ୍ୟର ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ରକ୍ତାଭାବ କିଛି ମାତ୍ରାରେ ଦୂର କରିବା ଉଦ୍ଦେଶ୍ୟରେ 'ଓଡିଶା ରକ୍ତଦାତା ମହାସଂଘ' ପକ୍ଷରୁ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାରେ ଗୋଟିଏ ଦିନରେ ମୋଟ ୪୫ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଅଭାବ ସମୟରେ ଛୋଟ ପ୍ରୟାସ ରୋଗୀଙ୍କୁ କିଛି ମାତ୍ରାରେ ସହାୟକ ହୋଇପାରିବ। ଏହି ଅଭିନବ ପ୍ରୟାସ ମହାସଂଘର ସଭାପତି ଅକ୍ଷୟ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଡକ୍ଟର ନରେଶ ସାହୁ, ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ , କୋଷାଧ୍ୟକ୍ଷ ରାଜେଶ ନାୟକଙ୍କ ଆନ୍ତରିକ ଉଦ୍ୟମରେ ସଫଳ ହୋଇ ପାରିଛି। ଏଥି ସହିତ ମହାସଂଘର ବିଭିନ୍ନ ଜିଲ୍ଲାର ସଭ୍ୟ, ସଦସ୍ୟ ଶୁଭେଚ୍ଛୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ଜଡିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକାରୀ ସଭାପତି ଡକ୍ଟର ନରେଶ ସାହୁଙ୍କ ମାର୍ଗ ଦର୍ଶନରେ ଅନେକ ନୂତନ ଅଗ୍ରଣୀ ଅନୁଷ୍ଠାନ ଏହି ଶିବିରକୁ ସାହାଯ୍ୟ ଓ ସହଯୋଗ କରିଥିଲେ। ଜନସାଧାରଣଙ୍କ ରକ୍ତ ଦାନ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ମହାସଂଘ ସର୍ବଦା ଚେଷ୍ଟା କରୁଥିବା ବେଳେ ଆଗାମୀ ଦିନରେ ଏଇ ଭଳି ଶିବିର ଆୟୋଜନ କରିବା ଉପରେ ନିଶ୍ଚିତ ଧ୍ୟାନ ଦିଆଯିବ ବୋଲି ସଭାପତି ଶ୍ରୀ ରାଉତ୍ ଓ ସମ୍ପାଦକ ଶ୍ରୀ ଦାଶ ମତ ପ୍ରଦାନ କରିଥିଲେ। ଆୟୋଜନର ସଫଳତା ପାଇଁ ରକ୍ତଭଣ୍ଡାର ସମସ୍ତ କର୍ମକର୍ତ୍ତା, ରାଜ୍ୟ ରକ୍ତ ନିରାପତ୍ତା ବିଭାଗର ସହଯୋଗ ପାଇଁ ରାଜେଶ ନାୟକ ଧନ୍ୟବାଦ ଦେଇଥିଲେ।

## ପୋଲସରାରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ପୋଲସରା **୧୪/୫(ନି.ପ୍ର):** ଗଞ୍ଜାମ ଜିଲ୍ଲାର ପୋଲସରା ପଞ୍ଚାୟତ ସମିତି ପରିସରରେ ମଇ ୧୩ ତାରିଖ ଦିନ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଗଞ୍ଜାମ ପୋଲିସ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀ ବୃନ୍ଦ ମଧ୍ୟ ଯୋଗଦେଇଥିଲେ। ଯୁଗ୍ମ ଅଭିଯୋଗ ଶୁଣାଣିରେ ପୋଲସରା ବ୍ଲକର ୨୬ ଗୋଟି ପଞ୍ଚାୟତ ଓ ପୋଲସରା ଏନ୍ଏସି ଜନସାଧାରଣ ବୃନ୍ଦଙ୍କ ପକ୍ଷରୁ ପ୍ରାୟ ୨୦୦ ଅଭିଯୋଗ ହୋଇଥିବା ବେଳେ ସମସ୍ତ ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିବା ସହିତ ଯଥା ଶୀଘ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡ଼ା ଓ ଏସପି ଶ୍ରୀ ପାତ୍ର ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଉପଜିଲ୍ଲାପାଳ ସେବାଶିଷ ବରାଳ, ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର, ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର, ପୋଲସରା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା, ପୋଲସରା ପୋଲିସ ଥାନା ଆଇଆଇସି କୌଶିକ ମାଝୀ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଉପସ୍ଥିତ ଥିଲେ।

## ମାଣ୍ଡିଆ ଫସଲ ଅମଳ ର ଆକଳନ ଓ କ୍ଷେତ୍ର ଦିବସ ପାଳିତ



ତେନ୍ତୁଳିଖୁଣ୍ଟି **୧୪/୫(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ କୃଷି ଅଫିସ୍, ଅଗ୍ରଗାମୀ ଓ ଶ୍ରୀ ଅନ୍ନ ଅଭିଯାନ ତରଫରୁ ତେନ୍ତୁଳିଖୁଣ୍ଟି ବ୍ଲକ୍ ଦିଗି ପଞ୍ଚାୟତ ଅନ୍ତର୍ଗତ ସଲପା ଗ୍ରାମରେ ମାଣ୍ଡିଆ ର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ବ୍ଲକ୍ କୃଷି ଅଧିକାରୀ ଶ୍ରୀ ବରୁଣ ଧାନପଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶ୍ରୀ ଅନ୍ନ ଅଭିଯାନ ର ବ୍ଲକ୍ ସଂଯୋଜୋକ ନିଶାନ୍ତ କୁମାର ବିଷୋୟୀ କାର୍ଯ୍ୟ କ୍ରମ କୁ ପରିଚାଳନା କରିଥିଲେ । ଅବସରରେ ବ୍ଲକ୍ କୃଷି ଅଫିସ୍ ରୁ ଧିରେନ୍ କୁମାର ବେନ୍ୟା, କୃଷକ ସାଥୀ, ମାଣ୍ଡିଆ ଚାଷୀ, ଗାଁ ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ଅଗ୍ରଗାମୀ ସଂସ୍ଥା ର କର୍ମଚାରୀ ମାନେ ଯୋଗ ଦେଇଥିଲେ । ଦିଗି ପଞ୍ଚାୟତ ଅଧିନରେ ଥିବା ସଲପା, ପଣସପର୍ଦ, ଚରମୂଳା, ଗାଦବାଗୁଡ଼ା, କର୍ଲୀଚୁଆଁ, ବୋଡ଼ାକୁପୁଲି , ଦମ୍ୟଗୁଡ଼ା ଗ୍ରାମ ମାଣ୍ଡିଆ ୧୦୦ ଜଣ ଚାଷୀ ଯୋଗଦାନ ଦେଇଥିଲେ । ମାଣ୍ଡିଆ ଚାଷ ଜମିର ଏକ ଜାଗାରେ କ୍ରପ୍ କଟିଙ୍ଗ ମଧ୍ୟ କରାଯାଇଥିଲା ଏବଂ ତାକୁ ସମସ୍ତଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା । ଅଗ୍ରଗାମୀ ତରଫରୁ ସୋମାଇ ମାଝୀ, ନିରୋଦ ପଣ୍ଡା, ହିମାଂଶୁ ଦଳେଇ, ଜୟ ପାତ୍ର, ଅଶ୍ୱିନୀ ନାୟକ ଆଦି ଯୋଗଦେଇ ଥିଲେ ।

## ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଇଓ ଅଫିସ ପରିଦର୍ଶନ

ପୋଲସରା **୧୪/୫(ନି.ପ୍ର):** ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ରହ୍ମପୁର, ମଇ ୧୩ ତାରିଖ ଦିନ ପୋଲସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପରିଦର୍ଶନରେ ଆସିଥିବା ଜଣାପଡ଼ିଛି। ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ପୋଲସରାରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲାପାଳ ଓ ଏସପି ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପୋଲସରା ବିଇଓ ଅଫିସ ପରିଦର୍ଶନ କରିବାକୁ ଯାଇଥିଲେ। ପୋଲସରା ନୂତନ ବିଇଓ ଶ୍ରୀହର୍ଷବାବୁ ଖଡଙ୍ଗା ଏବଂ ଏବିଇଓ ସ୍ୱରୂପ କୁମାର ପାତ୍ର ଓ ସୁବାସିନୀ ତ୍ରିପାଠୀ ଙ୍କ ସହ କର୍ମଚାରୀ ବୃନ୍ଦ ଡିଇଓ ଅଜୟ କୁମାର ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ। ଡିଇଓ ଶ୍ରୀ ପାତ୍ର ପୋଲସରା ବିଇଓ ଅଫିସ ର ବିଭିନ୍ନ ନଥିପତ୍ର ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଥିଲେ।

## ଲକ୍ଷ୍ମୀ ନୃସିଂହ ଯାତ୍ରା ଉଦଯାପିତ : ଆତସବାଜିରେ କମ୍ପିଲା ଯାତ୍ରା ପଡିଆ

ହିଞ୍ଜିଳିକାଟୁ **୧୪/୫(ନି.ପ୍ର):** ହିଞ୍ଜିଳିକାଟୁ ସହରର ଇଷ୍ଟଦେବ ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରାତ୍ସୋବର ଅନ୍ତିମ ଦିବସ ମଙ୍ଗଳବାର କେଉଟବାଡ଼ ପକ୍ଷରୁ ମହାଆଡ଼ମ୍ବର ସହକାରେ ପାଳନ ସହ ଯାତ୍ରାତ୍ସୋବ ଉଦଯାପିତ ହୋଇଯାଇଛି । ଯାତ୍ରା ସକାଶେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ବାନାମାଳ ସହ ଅଲୋକମାଳାରେ ସହର ଝଲସି ଉଠିଥିଲା । ପ୍ରଥମ ୨ ଦିନ ଭଳି ଅନ୍ତିମ ଦିବସ ମଙ୍ଗଳବାର ମଧ ବ ପ୍ରାତଃରୁ ମାନସିକ ଧାରୀ ବହୁ ଶ୍ରଦ୍ଧାଳୁ କୃଷ୍ଣ, ବଳରାମ,ରାମ,ସୀତା, ହନୁମାନ, ବାଘ-ବାଘୁଣି, ଡ଼ାହାଣି,ଅସୁରୁଣି, ବାଘ, କାଚରା, ଖଟବିଦ୍ୟା, ମେହେନ୍ତର, କୁଷ୍ଠରୋଗୀ, ଦଣ୍ଡନାଚ ସମେତ ବିଭିନ୍ନ ଦଳଗତ ବେଶ ଭୁଷାରେ ଆବରଣ ହୋଇ ଗ୍ରାମ ପରିକ୍ରମା କରିଥିଲେ । ଯାତ୍ରା ସକାଶେ ବହୁ ସଂଖ୍ୟକ ପସରା ମେଲିଥିବା ଅସ୍ଥାୟୀ ଚିତ୍ରାଳୟ ଗୁଡ଼ିକ ଭଲ ଦୁଇ ପଇସା କମାଇଥିଲେ । ଦିନ ତମାମ ପାଗ ଶୁଖିଲା ରହିଥିବାରୁ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳରୁ ହଜାର ହଜାର ଭକ୍ତ , ଦର୍ଶନାର୍ଥୀ ଓ ଯାତ୍ରାପ୍ରେମୀଙ୍କ ପ୍ରାତଃରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଜମି ରହିଥିଲା । ବିଶେଷତଃ ସନ୍ଧ୍ୟା ପରଠାରୁ ସହରର ବିଭିନ୍ନ ସାହି ବସ୍ତିରେ ସ୍ଥାପନ କରାଯାଇଥିବା ଆକର୍ଷଣୀୟ କଳାକୁଞ୍ଜ ସ୍ଥଳରେ ପ୍ରବଳ ଜନସମାଗମ ହୋଇଥିଲା । ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରା ସକାଶେ ରାଜା ସାହିରେ ବୀର ଇନ୍ଦ୍ରଜିତ ରଥ, ଦେଓଘର ସାହିରେ ବୀର ଅର୍ଜୁନ ରଥ,ଶ୍ରୀ ଜଗନ୍ନାଥ ରଥ ସମେତ ବଳି ରାଜାଙ୍କ ୩ ପାଦ ଭୂମି ପ୍ରଦାନ, ବାହୁବଳୀ ଓ ମୋଟୁ ପତଲୁ କଳାକୁଞ୍ଜ ସ୍ଥାପନ କରାଯାଇଥିଲା । ସେହିପରି କେଉଟ ସାହିରେ ଗରୁଡ଼ ରୂଢ ବିଷ୍ଣ, କାମଧେନୁ ଗାଇ, କୈଳାସ ପର୍ବତରେ ଭଗବାନ ଶିବଙ୍କ ତପସ୍ୟା, ନାରାୟଣଙ୍କ ଅନନ୍ତ ଶୟନ, ଢେଙ୍କିଶାଳ କଳାକୁଞ୍ଜ ସମେତ ଜଗନ୍ନାଥ ରଥ ରହିଥିଲା । ଥାନା ସାହିରେ ବୀର ପର୍ଶୁରାମ, ଦାନ ବୀର ହରିଶ୍ଚନ୍ଦ୍ର, କଳାକୁଞ୍ଜ ସ୍ଥାପନ କରାଯାଇଥିବା ବେଳେ ବଡ଼ ରଙ୍ଗଣି ସାହିରେ ଅଗ୍ରଜ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ରାଧାକୃଷ୍ଣ ଝୁଲଣ, ବୀର ହନୁମାନ କଳାକୁଞ୍ଜ ସମେତ ଜଗନ୍ନାଥ ରଥକୁ ଆମନ୍ତ୍ରିତ କରାଯାଇଥିଲା । ଭକ୍ତମାନଙ୍କୁ ପାନୀୟ ଜଳ ଯୋଗାଣ ସକାଶେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କେଉଟସାହି କୋଠଘର ପରିସରରେ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିଲା । ବିଭିନ୍ନ ସାହି ବସ୍ତିରେ ଯୁବ ଗୋଷ୍ଠୀ ଓ ସେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତ



ଓ ଯାତ୍ରାପ୍ରେମୀ ମାନଙ୍କୁ ଶୀତଳ ପାନୀୟ ଜଳ, ପଣା, ସରବତ୍ ଏବଂ ନାନାଦି ରକମର ସୁସ୍ୱାଦ ବ୍ୟଞ୍ଜନ ବଣ୍ଟନ କରାଯାଇଥିଲା । ଅସମ୍ଭବ ଭିଡ଼କୁ ଆଖି ଆଗରେ ରଖି ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ସକାଶେ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା । ଯାତ୍ରା ସମୟରେ ରୋଡ଼ ରୋମିଓ ମାନଙ୍କୁ ସାବାଡ଼ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସାଧା ପୋଷାକଧାରୀ ପୁଲିସ ମୃତୟନ ରହିବା ସହ ତୀକ୍ଷଣ ନଜର ରଖିଥିଲେ । ଯାତ୍ରା ସକାଶେ ବିଭିନ୍ନ ସାହି ବସ୍ତିରେ ବିଭିନ୍ନ ରକମର ଖେଳଣା, ବାରମଜା, ଘର ସାଜସଜ୍ଜା ଉପକରଣ ପ୍ରମୁଖ ସାମଗ୍ରୀର ଅସ୍ଥାୟୀ ଦୋକାନ ବଜାରମାନ ଗଢି ଉଠିଥିଲା । ବିଳମ୍ବିତ ରାତ୍ରରେ କେଉଟବାଡ଼ ପକ୍ଷରୁ ହିଞ୍ଜିଳିକାଟୁ ପ୍ରସିଦ୍ଧ ବାଣ ଯାତ୍ରା ରାଜବାଟି ସମ୍ମୁଖରେ ବାଣଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ବାଣ ଯାତ୍ରାରେ ମଲ୍ଲୀ ତରାସ, କଢ ମଲ୍ଲୀ, ସାପ ବାଣ, ଗୁଆ ଗଛ, ଚମ୍ପା ଫୁଲ ଝରି, ଗ୍ଲାସ ବୋମା,କାର୍ଗିଲ ବୋମା, ମୟୁର ଚନ୍ଦ୍ରିକା, ଚମ୍ପା ଗଛ, ସୁଦର୍ଶନ ଚକ୍ର ଭଳି ବହୁ ରକମର ଆତସବାଜି ଦୀର୍ଘ ୩ ଘଣ୍ଟା ଧରି ଫୁଟାଯାଇଥିଲା । ବାଣ ଯାତ୍ରା ଦେଖିବା ସକାଶେ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳର ଯାତ୍ରାପ୍ରେମୀ ମାନଙ୍କ ଅସମ୍ଭବ ଭିଡ଼ ଲାଗି ରହିଥିଲା । ସମ୍ଭାବ୍ୟ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ବଗରାଇ ମୁର୍ମୁଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ମାନେ ଯାତ୍ରା ପଡିଆ ପରିସରରେ ସଜାଗ ରହିଥିଲେ । ବିଭିନ୍ନ ନାଚ ଗୀତ ଓ ଡ଼ିଜେ ମାଧ୍ୟମରେ ଅଞ୍ଚଳର ଯୁବ ସମାଜ ନାଚି ନାଚି ବାଣପଡ଼ିଆକୁ ଦୁଲୁକାଇଥିବାର ଦେଖିବାକୁ ମିଳିଥିଲା । ବାଣଯାତ୍ରା ପରିସମାପ୍ତି ପରେ ସ୍ଥାନୀୟ ସହରର ଇଷ୍ଟଦେବ ଶ୍ରୀ ଶ୍ରୀଲକ୍ଷ୍ମୀ ନୃସିଂହ ଠାକୁରଙ୍କୁ ବିଭିନ୍ନ ପ୍ରକାରର ବାଦ୍ୟ ବାଜଣା, ଘଣ୍ଟ, ମହୁରୀ, ଶଙ୍ଖର ତାଳେ ତାଳେ ବିଭିନ୍ନ ରକମର ମନୁଷ୍ୟକୃତ ପଶୁନୃତ୍ୟ ଯଥା ବାଘ, ହାତୀ, ଘୋଡ଼ା, ରାଜା ରାଣୀ ଆଦି ବେଶରେ ସୁ- ସଜ୍ଜିତ ପଟୁଆରରେ ବିମାନ ଯୋଗେ ନଗର ପରିକ୍ରମା କରାଯାଇଥିଲା । ଚଳିତ ବର୍ଷର ଯାତ୍ରା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ସମାପନ ହୋଇଥିବାରୁ ପାଟଣାସାହି, ବଡରଙ୍ଗଣିସାହି ଓ କେଉଟସାହି ଯାତ୍ରା ପରିଚାଳନା କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି । ବୁଧବାର କେଉଟ ସାହି ଯାତ୍ରା କମିଟି ପକ୍ଷରୁ ସଂପୃକ୍ତ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଦଧିଯାତ୍ରା ସମାପନ ପରେ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

## ହିନ୍ଦୋଳ ହରିହାଟ ମହୋତ୍ସବ ଉଦଘାଟିତ

ଓଡ଼ାପଡ଼ା/ହିନ୍ଦୋଳ **୧୪/୫(ନି.ପ୍ର):** ଢେଙ୍କାନାଳ ଜିଲ୍ଲାର ହରିହାଟମହୋତ୍ସବ ଆଜି ବହୁ ଆଡମ୍ବରରେ ଉଦଘାଟିତ ହୋଇଯାଇଛି ।ମୁଖ୍ୟଅତିଥି ଭାବରେ ଖାଉଟିଖାଦ୍ୟକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଦୀପପ୍ରଜ୍ୱଳନ କରି ଉଦଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତିଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା,ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ଓ ବରିଷ୍ଠବିଜେପି ନେତା ନଗରସଭାପତି କୁବେର ବେହେରା,କମିଟି ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ବିଶେଶ୍ୱର ସେଠି ପ୍ରମୁଖ ମଞ୍ଚାସିନ ହୋଇଥିଲେ। ହିନ୍ଦୋଳର ଏତିହ୍ୟ ବହନକରୁଥିବା ହରିହରଙ୍କ ହରିହାଟ ଉତ୍ସବକୁ ମହୋତ୍ସବରେ ପରିଣତ କରାଯାଇ କିଛିବର୍ଷ ହେଲା ହରିହାଟ ମହୋତ୍ସବରେ ପରିଣତ କରାଯାଇ ହିନ୍ଦୋଳର ଐତିହ୍ୟ, ଭାଇଚାରା ଓ ଧାର୍ମିକ ପରମ୍ପରାକୁ ବଜାୟ ରଖିବାକୁ ସମସ୍ତଙ୍କର ଏହି ଉଦ୍ୟମକୁ ଯୋଗଦେଇଥିବା ଅତିଥିମାନେ ଉଚ୍ଚପ୍ରଶଂସା କରି ଆୟୋଜକ ମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ ।ତେବେ କମିଟି ପକ୍ଷରୁ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ମନୋହର ଦୋକାନ, ଫାଷ୍ଟଫୁଡ ଦୋକାନ, ବିଭିନ୍ନ ପ୍ରକାର ଦୋକାନ ସାଙ୍ଗକୁ ଦୋଳି ଇତ୍ୟାଦି ପାଇଁ ଏବଂ ଏହି ମହୋତ୍ସବ ସ୍ଥାନୀୟ ମହୋତ୍ସବ ହୋଇଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ତେବେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଣଦେଖା ଓ ଅବ୍ୟବସ୍ଥା ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ।

## ଅଙ୍ଗଦାନ କରି ଅମର ହୋଇଗଲେ ଆଦିବାସୀ ଯୁବକ



ଗୁଣପୁର **୧୪/୫(ନି.ପ୍ର):** କଥାରେ ଅଛି ମଣିଷ ଜୀବନ ପାଣି ଫୋଟକା । ଖୁସିରେ ଘରୁ ବାହାରି ଥିଲେ କିନ୍ତୁ ବିଧାତାର ଲେଖା ଅଲଗା ଥିଲା , ଦୁର୍ଘଟଣାର ଶିକାର ହେଲେ ଯୁବକ । ଗୁଣପୁର ବ୍ଲକ ଅନ୍ତର୍ଗତ ରେଗଡା ଗ୍ରାମର ଦିଲ୍ଲୀପ ମାଣ୍ଡାଙ୍ଗି (୨୪) , ଗତ ୭ ତାରିଖ ରେ ନିଜ ବାଇକ୍ ଯୋଗେ କୌଣସି କାର୍ଯ୍ୟରେ କାଶୀନଗର ଅଭିମୁଖେ ଯାଉଥିଲେ । ଏହି ସମୟର୍ଦ୍ୱେପରିତ ଦିଗରୁ ଆସୁଥିବା ଏକ କାର ସହ କରଣିଭଦ୍ରା ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ୍ ଚାଳକ ଦିଲ୍ଲୀପ ଗୁରୁତର ଆହାତ ହେବାରୁ , ପ୍ରଥମେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ସ୍ଥିତ ରାଗୁଲୁ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିଲ୍ଲୀପଙ୍କ ବ୍ରେନ୍ ଡେଡ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ପୁଅ ମୃତ୍ୟୁ ଘଟିଥିବା ଜାଣିବା ପରେ ବାପା ସତ୍ୟ ମାଣ୍ଡାଙ୍ଗି ଦିଲ୍ଲୀପଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ସୂଚନା ମିଳିଛି । ଦିଲ୍ଲୀପ ଙ୍କ ଦୁଇ କିଡନୀ , ଫୁସଫୁସ , ଲିଭର ବାହାର କରାଯାଇ ଛଅ ଜଣ ରୋଗିଙ୍କ ଠାରେ ପ୍ରତିରୋପଣ କରାଯାଇଥିଲା । ଆନ୍ଧ୍ର ସରକାର ଶ୍ରୀକାକୁଲମ ଠାରେ ଗ୍ରୀନ କରିଡ଼ର କରି ଏୟାର ଲିଫ୍ଟ କରିବାର ବ୍ୟବସ୍ଥା କରି ଅର୍ଗାନ ଗୁଡ଼ିକୁ୍ଭିଶାଖପାଟଣା କିମସ୍ ହସପିଟାଲକୁ ପଠାଇଥିଲେ । ଏଭଳି ମହତ୍ କାର୍ଯ୍ୟ ପାଇଁ ଆନ୍ଧ୍ରପ୍ରଦେଶ ପୋଲିସ ପକ୍ଷରୁ ମୃତ ଦିଲ୍ଲୀପ ଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି ।

## ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ

ରଙ୍ଗେଇଲୁଣ୍ଡା **୧୪/୫(ନି.ପ୍ର):** ଗୋଲନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୧୯ ଜଣ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକ ସହିତ ସମୁଦାୟ ୧୮୭ ଜଣ ଛାତ୍ରଛାତ୍ରୀ ଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ଏଥିରେ ନାଲକୋ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସୁନାମ ଧନ୍ୟ ଓଡିଶୀ ଡ୍ୟାନ୍ସର ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡ଼. ଅରୁଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ସେମାନଙ୍କର ସଫଳତା ଉପରେ ବିବରଣୀ ପ୍ରଦାନ କରିଥିଲେ । ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସେଣ୍ଟର ଅଫ ଏକ୍ସଲେନ୍ସ ପ୍ରତିଷ୍ଠା କରିବାକୁ ସେଲୋନା ସହିତ ସ୍ୱାକ୍ଷର କରାଯାଇଛି ବୋଲି ସୂଚନା ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗବେରନିଙ୍ଗ ମେମ୍ବର ଚିକିଟି ବିଧାୟକ ଶ୍ରୀ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଡ଼. ପ୍ରତୋଷ ବଂଶଲ, ଡ଼. ଅନୁରାଗ ଅଗ୍ରୱାଲ, ଶ୍ରୀ ବିମଲ ମିଶ୍ର, ଶ୍ରୀ ରଞ୍ଜନ ଜେନା ଯୋଗ ଦେଇଥିଲେ । ରେଜିଷ୍ଟ୍ରାର ଡ. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଡ. ମାନସ ରଞ୍ଜନ ପାତ୍ର, ପ୍ର. ସ୍ୱାଧୀନ ମିଶ୍ର, ଡ଼. ପ୍ରୀତି ରଞ୍ଜନ ସାହୁ, ଡ. ସସ୍ମିତା ପାଢ଼ୀ, ଡ. ରତିକାନ୍ତ ନାୟକ, ଡ଼. ମାନବେନ୍ଦ୍ର ପାତ୍ର, ଡ଼. ଲକ୍ଷ୍ମୀ କାନ୍ତ ରାଜୁ, ଶ୍ରୀ ସରୋଜ ପାଢ଼ୀ, ଡ଼. ଭବାନୀ ଶଙ୍କର ଗୌଡ଼, ପ୍ରଭୁଦତ୍ତ ମିଶ୍ର, ପ୍ର ସରୋଜ ପାଢ଼ୀ, ପ୍ର. ପୂର୍ଣ୍ଣେନ୍ଦୁ ମିଶ୍ର, ସନ୍ତୋଷ କୁମାର ନାୟକ, ବାସୁଦେବ ପାଢ଼ୀ, ଗୋପବନ୍ଧୁ ଉତ୍ତରକବାଟ, ସୁନୀଲ ରାୟ ଓ ପିତାମ୍ବର ସାହୁ ପରିଚାଳନା କରିଥିଲେ । ଏହି ଅବସରରେ ବିଶିଷ୍ଟ ମହାକାଶ ବିଜ୍ଞାନୀ ତଥା ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ ବିଜ୍ଞାନରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ବେଳେ ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ଶ୍ରୀମତୀ ନମିତା ଅଗ୍ରୱାଲ ଙ୍କୁ ସାହିତ୍ୟରେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

# ଡକାୟତି ଯୋଜନା ବେଳେ ମାଡି ବସିଲା ହିଞ୍ଜିଳି ପୁଲିସ

## ୫ ଗିରଫ, ୨ ପିସ୍ତଲ, ୩ ଜୀବନ୍ତ ଗୁଳି ସମେତ ଶାବଳ, ହାତୁଡ଼ି, ଜବତ



ହିଞ୍ଜିଳିକାଟ **୧୪/୫(ନି.ପ୍ର):** ଗତ କିଛି ଦିନ ଧରି ୫ ଜଣ ଯୁବକ ହିଞ୍ଜିଳି ଥାନା ଇଲାକାର ବିଭିନ୍ନ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ଆସୁଥିଲେ। ସୋମବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ପିତଳ ଛକରେ ଥିବା ଏକ ଏଟିଏମ୍ ଭାଙ୍ଗି ଲୁଟ୍ କରିବାକୁ ପୂର୍ବରୁ ପ୍ରସ୍ତୁତି କରିଥିଲେ। ଏଟିଏମ୍ ଭାଙ୍ଗି ଲୁଟ୍ କରିବା ଯୋଜନା ମୁତାବକ ହିଞ୍ଜିଳି ଥାନା ବି. ନୁଆପଲ୍ଲୀ ଗ୍ରାମ ଛକରେ ଅବସ୍ଥାପିତ ବିଶ୍ରାମଗାରାରେ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ପୁଲିସ ମାଡିବସି ଡକାୟତି ଯୋଜନା ପଣ୍ଡ କରିବା ସହ ୫ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ତଥା ସ୍ଥାନୀୟ ପୌରାଞ୍ଚଳ ହିଞ୍ଜିଳି କେନାଲ ସାହିର ଚିଣ୍ଟୁ ଦାସ (୨୩), ହିଞ୍ଜିଳି ଥାନା ସିକିରି ନୂଆଁସାହିର ହିନ ସାମଲ (୩୦), ବେଲଗାଁ ଥାନା ପଳାସି ବଡସାହିର ରାଜା ଗୌଡ (୨୬), ଗାଙ୍ଗପୁର ଥାନା ନିମିନା ଗ୍ରାମର ରାକେଶ ମହାପାତ୍ର (୨୨) ଓ ଧରାକୋଟ ଥାନା ଢଉଗାଁ ଗ୍ରାମର ଗୋବିନ୍ଦ ବେହେରା (୩୧) । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ଡକାୟତି ଯୋଜନା ପାଇଁ ବ୍ୟବହାର କରୁଥିବା ୨ଟି ଦେଶୀ ପିସ୍ତଲ, ୩ଟି ଜୀବନ୍ତ ଗୁଳି, ୫ଟି ମୋବାଇଲ ଫୋନ, ଗୋଟିଏ ମୋଟର ସାଇକେଲ (ଓଡି୦୭ ଏଏକ୍ସ ୨୪୦୫),ଶାବଳ, ହାତୁଡି, ଖଣ୍ଡା, କାତି, ୫ଟି କଳା ରଙ୍ଗର ମୁଖା ଓ ଲଙ୍କା ଗୁଣ୍ଡକୁ ପୁଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନମ୍ବର – ୩୧୦/୨୫ ରେ ଏକ ମାମଲା ରୁଜୁ କରି ମଙ୍ଗଳବାର ଶେରଗଡ଼ କୋର୍ଟକୁ ଚାଲାଣ କରି ପୁଲିସ ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମେତ ନିକଟସ୍ଥ ଥାନା ଅଞ୍ଚଳର ୫ ଜଣ ଯୁବକ ଗତ କିଛି ଦିନ ଧରି ହିଞ୍ଜିଳି ଥାନା ଇଲାକାର ବିଭିନ୍ନ ଅଞ୍ଚଳରେ ପିସ୍ତଲ ଧରି ଆତଙ୍କ ସୃଷ୍ଟି କରି ଆସୁଥିଲେ। ? ପୁଲିସ ସେମାନଙ୍କୁ କାବୁ କରିବା ପୂର୍ବରୁ କୌଶଳ କ୍ରମେ ଫେରାର ହେବାରେ ସକ୍ଷମ ହୋଇ ଯାଉଥିଲେ। ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶରେ ସେମାନଙ୍କୁ କାବୁ କରିବା ପାଇଁ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ସୋମବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ବି. ନୂଆପଲ୍ଲୀ ଗ୍ରାମ ଛକରେ ଥିବା ବିଶ୍ରାମଗାରାରେ ୫ ଜଣ ଯୁବକ ଡକାୟତି ଯୋଜନା ପ୍ରସ୍ତୁତ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ଥାନା ଆଇଆଇସି ଓ ତାଙ୍କ ଟିମ୍ ଅତର୍କିତ ଚଢ଼ାଉ କରି ୫ ଜଣ ଯୁବକଙ୍କୁ ଗିରଫ କରିବା ସହ ଡକାୟତି ଯୋଜନାକୁ ପଣ୍ଡ କରିବାପରେ ସକ୍ଷମ ହୋଇଥିଲେ। ଗିରଫ ଅଭିଯୁକ୍ତ ମାନଙ୍କୁ ଜେରା ସମୟରେ ସେମାନେ ହିଞ୍ଜିଳି ଥାନା ପିତଳ ଛକରେ ଥିବା ଏଟିଏମ୍ ଭାଙ୍ଗି ଲୁଟ୍ କରିବାକୁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତ ମାନେ ବ୍ୟାଙ୍କ, ସୁନା ଅଳଙ୍କାର ଦୋକାନ, ଏଟିଏମ୍ ଭାଙ୍ଗିବା ସହ ହତ୍ୟା, ଚୋରୀ, ଡକାୟତି, ରାହାଜାନୀ ଭଳି ସଙ୍ଗୀନ ଅପରାଧିକ ଘଟଣା ଘଟାଇବା ସହ ନିଜର ଆଧିପତ୍ୟ ବିସ୍ତାର କରୁଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ଡକାୟତି ଯୋଜନା ପାଇଁ ବ୍ୟବହୃତ ମାରଣାସ୍ତ୍ର ସମେତ ବହୁତ ସାମଗ୍ରୀ ଲୁଟ୍ କରିବାପରେ ସକ୍ଷମ ହୋଇଥିଲା । ପ୍ରକାଶ ଥାଉକି, ଗିରଫ ଚିଣ୍ଟୁ ନାମରେ ହିଞ୍ଜିଳି ଥାନାରେ ୭ଟି, ରାଜାଙ୍କ ନାମରେ ୨ଟି, ହିନଙ୍କ ନାମରେ ୬ଟି, ରାକେଶ ନାମରେ ଗୋଟିଏ ଓ ଗୋବିନ୍ଦଙ୍କ ନାମରେ ୬ଟି ହତ୍ୟା, ଡକାୟତି, ଚୋରୀ, ରାହାଜାନୀ ଭଳି ସଙ୍ଗୀନ ଅପରାଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଅନ୍ୟାନ୍ୟ କୌଣସି ଥାନାରେ କି କି ମାମଲା ରୁଜୁ ହୋଇଛି ସେ ନେଇ ପୁଲିସ ତଦନ୍ତ ଚଳାଇଛି। ଚଢ଼ାଉରେ ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସମେତ ଥାନା ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ସୁନିଲ କଣ୍ଡାଗୋରି, ଏଏସଆଇ ଅନନ୍ତ ଶବର, ବୈକୁଣ୍ଠନାଥ ଜେନା, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, କୈଳାଶ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଦୁର୍ଗମ ଅଞ୍ଚଳରେ ପରିଦର୍ଶନ ଓ ଲୋକ ଙ୍କର ଦୁଃଖ ଶୁଣିଲେ ବିଧାୟକ



ତେନ୍ତୁଳିଖୁଣ୍ଟି **୧୪/୫(ନି.ପ୍ର):** ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ତେନ୍ତୁଳିଖୁଣ୍ଟି ପଞ୍ଚାୟତର ବିଜାପଦର,ମଦ ଗୁଲିମି, ଲଦୀପଦର, ବରଡା ଯୋଡ଼ି ଭଳି ଦୁର୍ଗମ ଅଞ୍ଚଳ ସବୁ ବୁଲି ସ୍ଥାନୀୟ ଗ୍ରାମବାସୀ ଙ୍କ ସହ ଆଲୋଚନା କରିଥିଲେ।ସେମାନଙ୍କ ମୌଳିକ ସୁବିଧା ପୁଙ୍ଖାନୁପୁଙ୍ଖ ଭାବେ ବୁଝି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।ଖୁବ ବିଜାପଦର ଗ୍ରାମରେ ଥିବା ତେଲ ପିଢିବା ଥିବା ଘଣା ନିମନ୍ତେ ଗୃହ ଏବଂ ଆଧୁନିକ ଯନ୍ତ୍ର ଯୋଗାଇ ଦେବାକୁ ଗ୍ରାମ ବାସୀଙ୍କ ଅନୁରୋଧ ସହ ଗ୍ରାମର ୭ଘର କୁ ବିଦ୍ୟୁତ ସଂଯୋଗ। ମଦଗୁଲିମି ଗ୍ରାମବାସୀ ଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କ ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ରାସ୍ତା,ବିଦ୍ୟୁତ ଏବଂ ବିଭିନ୍ନ ସମସ୍ୟା ଡକରାଦୋରା ଜଳ ପ୍ରପାତ ଭଳି ରାସ୍ତାରେ କାର୍ଯ୍ୟ ର ଉନ୍ନତି ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନଜ କୁମାର ପାଣିଗ୍ରାହୀ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେନ୍ତୁଳିଖୁଣ୍ଟି ସରପଞ୍ଚ, ସମିତି ସଭ୍ୟା,ବିଜେପିର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ ଙ୍କ ସମେତ ବିଜେପି ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ଜେନା, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର,ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାସ୍ତା ଅପେକ୍ଷାରେ ଅଞ୍ଜିଳି ଗ୍ରାମବାସୀ

ପଦ୍ମପୁର **୧୪/୫(ନି.ପ୍ର):** ପଦ୍ମପୁର ବ୍ଲକ , ଜାତିଲି ପଞ୍ଚାୟତ ଅନ୍ତର୍ଗତ ଅଞ୍ଜିଳି ଗ୍ରାମ ମୌଳିକ ସମସ୍ୟା ଭିତରେ ଛନ୍ଦି ହୋଇପଡିଥିବା ଦେଖିବାକୁ ମିଳିଛି । ଦୀର୍ଘ ୫୦ ବର୍ଷ ହେଲା ଉକ୍ତ ଗ୍ରାମକୁ ଯିବାକୁ ରାସ୍ତା ଟିକେ ହୋଇପାରିଲା ନାହିଁ । ସଉରା ରେଲା ମୁଖ୍ୟ ରାସ୍ତାରୁ ୩ କିଲୋମିଟର ଅଙ୍କାବଙ୍କା ପଥୁରିଆ ପାଦଚଲା ରାସ୍ତା ଦେଇ ଏହି ଗ୍ରାମକୁ ଯିବାକୁ ପଡ଼େ । ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିବା ଏହି ଅଞ୍ଜିଳି ଗ୍ରାମରେ ୩୦ ପରିବାରର ୧୬୦ ରୁ ଉର୍ଦ୍ଧ ଲୋକ ବାସ କରନ୍ତି । ସବୁ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଦ୍ୱାରସ୍ଥ ହେଲେ ମଧ ରାସ୍ତା ସମସ୍ୟାର ସମାଧାନ ହୋଇପାରୁନି । ବର୍ଷା ଦିନରେ ଗ୍ରାମଟି ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଏ । ସ୍ୱାସ୍ଥ୍ୟ ଖରାପ ହେଲେ ଦୀର୍ଘ ୩ କିଲୋମିଟର ବାଟ ରୋଗିକୁ ଖଟିଆରେ ବୋହି ମୁଖ୍ୟ ରାସ୍ତା ନିକଟକୁ ନେବାକୁ ପଡେ । ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଏ । ବର୍ଷା ହେଲେ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଏ । କାଦୁଅ ପଚପଚ ରାସ୍ତାରେ ପଡ଼ି ପିଲାମାନେ ସ୍କୁଲକୁ ଯାଇନପାରି ଘରେ ବସନ୍ତି । ବୁଢ଼ା ବୁଢୀ ମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଭୋକ ଉପାସରେ ରହିବାକୁ ବାଧ୍ୟ ହୁଅନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ସହ ଚାଷବାସ କରି ଗୁଜୁରାଣ ମେଣ୍ଟାଉଥିବା ଏହି ଅଞ୍ଜିଳି ଗ୍ରାମବାସୀ ରାସ୍ତା ଅପେକ୍ଷାରେ ଦିନ କାଟୁଛନ୍ତି । ଗ୍ରାମର ଅଙ୍ଗନୱାଡି କର୍ମୀ ଗିନି ଶ୍ୱର , ଆଶା ଦିଦି ସୁନେଇ ଶ୍ୱର ବର୍ଷାଦିନେ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ପାରୁନଥିବା କହିଛନ୍ତି । ତୁରନ୍ତ ଅଞ୍ଜିଳି ଗ୍ରାମକୁ ପକ୍କା ରାସ୍ତା ଯୋଗାଇ ନଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସହଦେବ ଶ୍ୱର , ଗାସାରୁ ଶ୍ୱର , ସୁମାନି ଶ୍ୱର ଚେତାବନୀ ଦେଇଛନ୍ତି । ତେବେ କେବେ ଏହି ନିରିହ ଆଦିବାସୀ ଙ୍କ ଗ୍ରାମକୁ ପ୍ରଶାସନ ରାସ୍ତା ନିର୍ମାଣ କରି ଏହି ଗ୍ରାମର ରାସ୍ତା ସମସ୍ୟା ଦୂର କରିବାକୁ ସମର୍ଥ ହେଉଛି ଦେଖିବାକୁ ବାକି ରହିଲା ।

# 'ଖରାରେ ତାତି,ବର୍ଷାରେ ପାଣି

## ବହୁ ବିଧ ସମସ୍ୟା ଘେରରେ ଅତାବିରା କଲେଜ୍ ଛାତ୍ରୀ ନିବାସ

ବରଗଡ଼ **,୧୪/୫(ନି.ପ୍ର):** ବରଗଡ଼ ଜିଲ୍ଲା ଅତାବିରା କଲେଜ୍ ଆମ ଅଞ୍ଚଳର ସର୍ବ ପୁରାତନ ଶିକ୍ଷା କେନ୍ଦ୍ର ହୋଇଥିବା ବେଳେ ୫୩ନଂ ମୁଖ୍ୟ ଜାତୀୟ ରାଜପଥ କଡ଼ରେ ରହିଥିବାରୁ ସୁଦୂର ନୂଆଁପଡ଼ା ଜିଲ୍ଲାରୁ ଆରମ୍ଭ କରି ସୋନପୁର,ସୁନ୍ଦର ଗଡ,ସମ୍ବଲପୁର, ବରଗଡ଼ ଭଳି ବହୁ ସ୍ଥାନରୁ ଛାତ୍ରୀ ମାନେ ଏହି କଲେଜ୍ ରେ ଅଧ୍ୟୟନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି।ହେଲେ କଲେଜ୍ ପରିସର ଭିତରେ ରହିଥିବା ଛାତ୍ରୀ ନିବାସ ଟି (ଓମେନ୍ସ ହଷ୍ଟେଲ)ବହୁ ବିଧ ସମସ୍ୟା ଘେରରେ ରହିଅଛି।ମୁଖ୍ୟତଃ ଖରା ର ତାତି,ବର୍ଷା ଦିନେ ପାଣି ସହ ଶୌଚାଳୟ ସମସ୍ୟା ଭଳି ବହୁବିଧ ସମସ୍ୟା ଗୁଡ଼ିକ ଯୋଗୁଁ ଛାତ୍ରୀ ମାନେ ଅତିଷ୍ଟ ହୋଇ ପଡନ୍ତି।ଏପରିକି କିଛି ଛାତ୍ରୀ କଲେଜ୍ ଛାତ୍ରୀ ନିବାସ କୁ ଛାଡ଼ି ବାଧ ହୋଇ ଅତାବିରା ରେ ଗଢି ଉଠିଥିବା ପ୍ରାଇଭେଟ୍ ଚେମ୍ବର୍ ମାନଙ୍କ ରେ ଆଶ୍ରୟ ନେଇ ନାହିଁ ନଥିବା ଅସୁବିଧା ସମ୍ମୁଖିନ ହୋଇଥାନ୍ତି।କଲେଜ୍ ପରିସର ରେ +୨ ଓ +୩ ଛାତ୍ରୀ ମାନଙ୍କ ପାଇଁ ଛାତ୍ରୀ ନିବାସ ରହିଛି ସତ, ହେଲେ ଆଜକୁ ପ୍ରାୟ ଦୀର୍ଘ ୧୫ବର୍ଷ ହେଲା ଏହି ଛାତ୍ରୀ ନିବାସ ରେ ଛାତ୍ରୀ ମାନେ ରହି ଆସୁ ଥିଲେ ସୁଦ୍ଧା ମରାମତି ଓ ରକ୍ଷଣାବେକ୍ଷଣ ର ଅଭାବ ଯୋଗୁଁ ଛାତ ରୁ ଅତଡା ସହ ପାଣି ଝରୁଥିବା ବେଳେ ଅସହ୍ୟ ଖରା ତାତି ରେ ଆଉଟୁ ପାଇଟୁ ହୋଇଥାନ୍ତି।ଏପରିକି ଛାତ୍ରୀ ମାନଙ୍କ ତୁଳନାରେ ଆବଶ୍ୟକ ପରିମାଣ ର ଶୌଚାଳୟ ମଧ ନାହିଁ।କେବଳ ସେତିକି ନୁହେଁ ଛାତ୍ରୀ ନିବାସ କୁ ଲାଗି ରହିଛି ସରକାର ଙ୍କ ସରକାରୀ ଧାନ ମଣ୍ଡି।ଯାହା ସରକାର ଙ୍କ ଛାତ୍ରୀ ନିବାସ ଓ ଧାନମଣ୍ଡି ମଝିରେ ରହିଛି ବହୁ ପୁରୁଣା ଲମ୍ବ ଓ ଉଚ୍ଚତା ବିଶିଷ୍ଟ ବିନା ପିଲରର ଅସୁରକ୍ଷିତ ପାଚେରୀ କାନ୍ଥ।ଯାହା ପୂର୍ବରୁ ମଧ ଏହି ଛାତ୍ରୀ ନିବାସ ଉପରେ ପଡ଼ି ଯାଇ ଝରକା ରେ ଲାଗିଥିବା ଗ୍ଲାସ୍ (କାଚ)ଭାଙ୍ଗି ଅଳ୍ପକେ ଛାତ୍ରୀ ମାନେ ବର୍ତ୍ତି ଯାଇ ଥୋକେ ଛାତ୍ରୀ ନିବାସ ଛାଡ଼ି ଚାଲିଯାଇଥିଲେ ହେଁ ଏଯାବତ୍ ଛାତ୍ରୀ ନିବାସ




ଅସୁରକ୍ଷିତ ରହି ସତେ ଯେମିତି କୁ କେଉଁ ଗୋଟେ ବଡ ଅଘଟଣ କୁ ପ୍ରଶାସନ ଅପେକ୍ଷା କରି ଅନାଇ ରହିଛି।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ଉଭୟ କଲେଜ୍ ସହ ଧାନମଣ୍ଡି ର ଅଧକ୍ଷ ଜଣେ।ସେ ପୁଣି ଜିଲ୍ଲା ପ୍ରଶାସନ ଉପ ଜିଲ୍ଲାପାଳ।ତାଙ୍କ ସହ ରହିଛନ୍ତି ଛୋଟ ରୁ ବଡ ଦକ୍ଷ ଅଧିକାରୀ ଓ କର୍ମଚାରି ମାନେ।ହେଲେ କିଭଳି ତାଙ୍କର ଦୃଷ୍ଟି ପଡୁନାହିଁ ତାହା କେବଳ ସେଇ ଦାୟିତ୍ୱରେ ଥିବା ଅଧିକାରୀ ଙ୍କୁ ହିଁ ଜଣା।ସୁରକ୍ଷିତ ତଥା ରକ୍ଷଣାବେକ୍ଷଣ ତ ତେଣିକି ଥାଉ ଓଲଟି ଛାତ୍ରୀ ନିବାସ କୁ ଲାଗି ରହିଥିବା ବହୁ ପୁରୁଣା ଭଙ୍ଗା ଦଦରା ପାଚେରୀ କାନ୍ଥ ଉପରେ ଚାଲିଛି ଧାନ ମଣ୍ଡି ର ଶୌଚାଳୟ ନିର୍ମାଣ।ଏପରିକି ଛାତ୍ରୀ ନିବାସ ଭିତରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ବିଷାକ୍ତ ସରୀସୃପ ମାନଙ୍କ ଆଶ୍ରୟ ସ୍ଥଳୀ ପାଲଟି ଛାତ୍ରୀ ମାନେ ସୁରକ୍ଷିତ ମଣୁ ନାହାନ୍ତି।ତୁରନ୍ତ ଏଦିଗରେ କଲେଜ୍ ଖୋଲିବା ପୂର୍ବରୁ ଉଚ୍ଚ ଶିକ୍ଷା ବିଭାଗ ତଥା ସରକାର ବାହାଦୁର ଦୃଷ୍ଟି ଦେଇ ଅବ ହେଳିତ ସବୁ ଜାଣି ଅଜଣା ଚାଉଳର ଭାତ ଖାଉଥିବା ତଥା ଦରମାଖିଆ ସରକାରିଆ ବାବୁ ମାନଙ୍କୁ ଚେତେଇବା ସହ ବହୁ ବିଧି ସମସ୍ୟା କୁ ଲାଘବ କରା ଗଲେ ଆଗାମୀ ଦିନରେ ଅଘଟଣ କୁ ଏଡାଇ ଦିଆଯାଇ ପାରିବ ବୋଲି ସାଧାରଣ ରେ ବେଶ୍ ଚର୍ଚ୍ଚା ର ବିଷୟ ହୋଇଛି।

## ବରିଷ୍ଠ ମାନଙ୍କୁ ସାକ୍ଷାତକାର ଅଭିଯାନ

ବରଗଡ଼ **୧୪/୫(ନି.ପ୍ର):** ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ଙ୍କୁ ସାକ୍ଷାତକାର କାର୍ଯ୍ୟକ୍ରମରେ ଆମ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଆଜୀବନ ସଦସ୍ୟ ବରଗଡ଼ ଗଙ୍ଗାଧର ନଗର ୱାର୍ଡ ନଂ ୧୪ ନିବାସୀ ଅଭୟ କୁମାର ଭୋଇଙ୍କ ବାସଭବନ କୁ ଯାଇ ତାଙ୍କ ସହିତ କିଛି ସମୟ ମଧୁର ବାର୍ତ୍ତାଳାପ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ.ଦେବୀ ପଟ୍ଟନାୟକ ଙ୍କ ନେତୃତ୍ୱରେ ସର୍ବଶ୍ରୀ ଗୋବିନ୍ଦ ଦାଶ, ତୁଳସୀ ଚରଣ ଦାଶ,ଲଳିତ ବିଶୀ,ରାମ ଚନ୍ଦ୍ର ଷଡ଼ଙ୍ଗୀ ଆଦି ପ୍ରତିନିଧି ଯାଇ ଶ୍ରୀ ଭୋଇଙ୍କ ଆଶୁ ଆରୋଗ୍ୟ କାମନା କରି ଆଉ ଜଣେ ବରିଷ୍ଠ ଙ୍କୁ ସାକ୍ଷାତ ପାଇଁ ବାହାରି ପଡିଥିଲେ।ଦୀର୍ଘ ୩୦ ବର୍ଷ ରୁ ଉର୍ଦ୍ଧ ଆନ୍ଧ୍ର ବ୍ୟାଙ୍କରେ ଚାକିରୀ କରି ଅଫିସର ପଦବୀରୁ ଅବସର ନେଇ ବର୍ତ୍ତମାନ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହିବା ସଙ୍ଗେ ସଙ୍ଗେ ଲାୟନ୍ସ କ୍ଲବ ର ସଂପାଦକ ଭାବେ ସାମାଜିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି।ଆଜି ସେ ତାଙ୍କର କାର୍ଯ୍ୟ କଳାପର ଅନ୍ତରଙ୍ଗ ଅଭୁଲା ଦିନ ଗୁଡ଼ିକୁ ମନେ ପକାଇ ଭାବ ବିନିମୟ କରିଥିଲେ।ସଂଘର ବରିଷ୍ଠ ଙ୍କୁ ସାକ୍ଷାତକାର ଅଭିଯାନ କୁ ଶ୍ରୀ ଭୋଇ ଭୂୟସୀ ପ୍ରଶଂସା କରିଥିଲେ।ଏହି କାର୍ଯ୍ୟକ୍ରମକୁ ଅନ୍ୟ ସଂଘ ମାନେ ମଧ ଆଦର ଓ ଅନୁକରଣ କରୁଛନ୍ତି।

## ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ନିମାପଡା **୧୪/୫(ନି.ପ୍ର):** ଚଳିତ ମାସ ୧୨ତାରିଖ ଠାରୁ ଏକ ସପ୍ତାହ ବ୍ୟାପୀ ସେବିକା ଦିବସ ପାଳିତ ହେଉଛି କ୍ଷ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକା ବା ନର୍ସମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ବକ୍ତା କହିଥିଲେ । ଠିକ ସେମିତି ଡାକ୍ତରମାନଙ୍କୁ ସାଧାରଣତଃ ଆମେ ଭଗବାନ ବୋଲି କହୁଥିବା ବେଳେ ସେବିକା ବା ନର୍ସମାନଙ୍କୁ ସିଷ୍ଟର ବୋଲି କହିଥାଉ। କାରଣ ସେମାନଙ୍କର ଯେଉଁଭଳି ସମର୍ପଣ ଭାବନେଇ ରୋଗୀଙ୍କ ସେବା କରିଥାନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଟି ହେଉଛି ଅନେକ ସ୍ଥାନରେ ସେବିକାଙ୍କୁ କାମ କରିବା ପାଇଁ ସୁରକ୍ଷିତ ବାତାବରଣ ମିଳି ନଥାଏ। ତେଣୁ ପ୍ରତ୍ୟେକ ସେବିକାଙ୍କୁ ସୁସ୍ଥ ଓ ସୁରକ୍ଷିତ ବାତାବରଣ ପ୍ରଦାନ କରାଯିବା ଆମର କର୍ତ୍ତବ୍ୟ ଅଟେ । ଏହା ଦ୍ୱାରା ସେମାନେ ଆହୁରି ଭଲ କାର୍ଯ୍ୟ କରିପାରିବେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଗତ ସୋମବାର ସଂନ୍ଧ୍ୟାରେ ଗୋପ ର ମାଟିଆଖାତ ସ୍ଥିତ ମୁକ୍ତି କଲେଜ ଅଫ୍ ନର୍ସିଂ ଇନଷ୍ଟିଚ୍ୟୁଟରେ ପାଳିତ ହେଉଥିବା ଅନ୍ତର୍ଜାତୀକ ସେବିକା ଦିବସ ଅବସରରେ ଇନଷ୍ଟିଚ୍ୟୁଟ୍ ର ଅଧକ୍ଷା ମନସ୍ମିନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତା ଆର୍ନ୍ତଜାତୀକ ସେବିକା ଦିବସ ଆୟୋଜିତ ହୋଇଥିଲା । ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ଯୋଗ ଦେଇଥିବା ସ୍ଥଳେ, ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଅଧକ୍ଷା ଶ୍ରୀମତୀ ଝୁନୁ ମଲ୍ଲିକ ଯୋଗ ଦେଇଥିଲେ କ୍ଷ ମୁଖ୍ୟ ବକ୍ତା ଭାବେ ଗୋପ ମହାବିଦ୍ୟାଳୟ ରେ ପ୍ରାପ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଅମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ଗଣେଶ୍ୱରପୁର ପଞ୍ଚାୟତ ରେ ସରପଞ୍ଚ ପ୍ରଭାତ କୁମାର ବେହେରା, ପ୍ରସାନ୍ତ କୁମାର ସେନାପତି, ମୁକ୍ତି ନର୍ସିଂ କଲେଜର ଚେ ଚେୟାରମ୍ୟାନ ଗଣେଷ ଚନ୍ଦ୍ର ଦାଶ , ସାମ୍ବାଦିକ ମିଳନ କୁମାର ମହାନ୍ତି, କାଳୁରାମ ଜେନା ପ୍ରମୁଖ ଯୋଗଦେଇ ନର୍ସିଂ ସେବାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ର ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପରିଶେଷରେ ଚଳିତ ବର୍ଷ ବିଭିର୍ନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହିତ ଅନୁଷ୍ଠାନ ପକ୍ଷରୁ ଏକ ଶପଥ ପାଠ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା । ଏହାପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ସିକ୍ଷା ସୁଚରିତା ପାତ୍ର, ଗୀତାଞ୍ଜଳି କାଣ୍ଡି, ବିଶ୍ୱାସ୍ମିତା ଲେଙ୍କା, ଶୁଭଶ୍ରୀ ମହାନ୍ତି, ନୟନ କୁମାରୀ ଲିପି, ତୋଫାନୀ ସାହୁ, ଶୁଭଶ୍ରୀ ପ୍ରଧାନ, ଯଶୋମତି ସାହୁ, ବଂଶୀଧର ବାରିକ, ସାଗରୀକା ସାହୁ,ଜ୍ୟୋତି ପ୍ରଭା ଜେନା,ଜ୍ୟୋତ୍ରୀମାୟୀ ରାଉତ ସହିତ ସମସ୍ତ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ।

## ସାରିଆପଲ୍ଲୀ ଗ୍ରାମରେ ଅପରେସନ ସିନ୍ଦୁର ର ସଫଳ ଶୋଭାଯାତ୍ରା

ବେଲଗୁଣ୍ଠା **୧୪/୫(ନି.ପ୍ର):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଇଙ୍ଗିନାଠୀ ପଞ୍ଚାୟତର ସାରିଆପଲ୍ଲୀ ଗ୍ରାମରେ ଗତ ତା ୧୨/୦୫/୨୦୨୫ ରିଖ ରାତ୍ର ୮ ଘଣ୍ଟ ସମୟରେ ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ଗ୍ରାମର ପ୍ରାରମ୍ଭ ରେ ଥିବା ହନୁମାନ ମନ୍ଦିରରେ ଭାରତ ଓ ପାକିସ୍ତାନ ମଧରେ ଲାଗିରହିଥିବା ଯୁଦ୍ଧରେ ଭାରତ ର ବିଜୟ ଏବଂ ସହିଦ ହୋଇଥିବା ଭାରତୀୟ ସେନାର ଅମର ଆତ୍ମା ର ଶାନ୍ତି ନିମନ୍ତେ ମହାବୀର ଯୁବକ ସଂଘ ତରଫରୁ ଦୀପ ପ୍ରଜ୍ୱଳନ କରାଗଲା। ତା ପରେ ହନୁମାନ ମନ୍ଦିର ରୁ ଯୁବକ ସଙ୍ଘର ସଦସ୍ୟମାନେ କ୍ୟାଣ୍ଡେଲ ଧରି ଶୋଭାଯାତ୍ରା ବାହାରି, 'ଭାରତ ମାତା କି ଜୟ', 'ସହିଦ ଯବାନ ଅମର ରହେ', 'ଜୟ ଯବାନ' ନାରା ଦେଇ ପୁରା ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ଗ୍ରାମର ମଧ୍ୟ ବିନ୍ଦୁରେ ଥିବା ମା ବୃନ୍ଦାବତୀ ପୀଠରେ ଦୀପ ପ୍ରଜ୍ୱଳନ କରିବା ସହିତ ସହିଦ ଯବାନଙ୍କର ଅମର ଆତ୍ମା ର ଶାନ୍ତି ନିମନ୍ତେ ୨ ମିନଟର ନିରବ ପ୍ରାର୍ଥନା କରାଗଲା ଏବଂ ଜାତୀୟ ସଂଗୀତ ଗାନ କରାଗଲା।ଏହି କାର୍ଯ୍ୟକ୍ରମ କୁ ସୁ ପରିଚାଳନା କରିବାରେ ମୁଖ୍ୟତଃ ଅଭିମନ୍ୟୁ ରାଉତ, ଭାବଗ୍ରାହୀ ପ୍ରଧାନ, ସଞ୍ଜୟ ରାଉତ, ସୁରେନ୍ଦ୍ର ଜେନା, ସୁଶାନ୍ତ ମହାନ୍ତି, ରାଜେନ୍ଦ୍ର ରାଉତ, ଗୌରୀ ଶଙ୍କର ପ୍ରଧାନ, ବଳରାମ ମହାନ୍ତି, ସୁରଜ ପାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସାବଧାନ,ରାଜରାସ୍ତାରେ ଲୁଟେରା ସକ୍ରିୟ,ପୋଲିସ ନିଷ୍କ୍ରିୟ





ବରଗଡ଼ **୧୪/୫(ନି.ପ୍ର):** ବରଗଡ଼ ଜିଲ୍ଲା ନିଶା ର ଗଡ ସାଙ୍ଗକୁ ଚୋର ଡକାୟତ ଙ୍କ ଗଡ ଭାବେ ବେଶ୍ ପରିଚିତ ଥିବାବେଳେ ପୋଲିସ ର ନିଷ୍କ୍ରିୟତା ଯୋଗୁଁ ଚୋରୀ ଡକାୟତି,ଲୁଟ ମାର ସହ ଦିନକୁ ଦିନ ନୂଆଁ ନୂଆଁ ଘଟଣା ମାନ ଘଟି ମୂଲ୍ୟବାନ ଜନଜୀବନ ନଷ୍ଟ ହେବା ସହ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି।ପୋଲିସ ଓ ଅବକାରୀ ବିଭାଗର ମିଳିତ ଆଢୁଆଳରେ କିଛି ସରକାରିଆ ବାବୁ ମାନଙ୍କୁ ଜାତ ଗୁଞ୍ଜା ଦେଇ ବେଧଡକ ରେ ଚୋରା ମଦ କାରବାର ଦିନ କୁ ଦିନ ବୃଦ୍ଧି ପାଇବା ସହ ଦୁର୍ବୃତ୍ତ ମାନେ ନୂଆଁ ନୂଆଁ ଘଟଣା ମାନ ଘଟାଇ ଫେରାର ମାରୁଛନ୍ତି।ଲୋକଙ୍କ ଚାହିଦା ଅନୁଯାୟୀ ଅତାବିରା ଅଞ୍ଚଳରେ ଦେଶୀ ଭାଟି ସହ ଗୋଟିଏ ଠିପି ଖୋଲା ବିଦେଶୀ ମଦ ଦୋକାନ ସହ ଠିପି ଖୋଲା ବାର୍ ମଧ ସରକାର ଖୋଲିଛନ୍ତି।ହେଲେ ଅତାବିରା ଅଞ୍ଚଳରେ ଚୋରା ନିଶା ଗାଡ଼ି ଘୁରି ବୁଲିବା ସହ କିଛି ଅସାଧୁ ଅଧିକାରୀ ମାନଙ୍କୁ ହାତ ଗୁଞ୍ଜି ଦେଇ ଶହଶହ ସଂଖ୍ୟାରେ ଛକ ତଥା ଗାଆଁ ଗଣ୍ଡା,ସହର,ବଜାର,ପାନ ଦୋକାନ,ଢ଼ାବା ସହ ରାଜରାସ୍ତା କଡରେ ଛୋଟ ରୁ ବଡ ଚୋରା ମଦ ଦୋକାନ ଖୋଲି ନାମକୁ ମାତ୍ର ହୋଟେଲ ର ନାଁ ଦେଇ ସତେ ଯେମିତି ପ୍ରାଇଭେଟ୍ ବାର୍ ଖୋଲି ରାତି ୧୧/୧୨ ଟା ପର୍ଯ୍ୟନ୍ତ ଅନାୟସ ରେ ବେଧଡକ ଭାବରେ ଚୋରା ମଦ କାରବାର କରି ମଦ ବେପାରି ସହ ମାଫିଆ ମାନେ ମାଳାମାଲ ହେଉଥିବା ବେଳେ ପୋଲିସ ଅବକାରୀ ଚେଇଁ ସୋଇଥିବା ଯୋଗୁଁ ଅଞ୍ଚଳରେ ଲୁଟ ମାର ଠାରୁ ଆରମ୍ଭ କରି ଚୋରୀ ଡକାୟତି ସହ ନିଇତି ନୂଆଁ ନୂଆଁ ଘଟଣା ସହ ଦୁର୍ଘଟଣା ମାନ ଘଟି ଯୁବପିଢି ସର୍ବସ୍ୱାନ୍ତ ହେଉଛନ୍ତି।କେତେ ଲୋକ ଜୀବନ ଯୁଦ୍ଧରେ ବର୍ଷ ବର୍ଷ ଧରି ଲଢେଇ କରୁଛି ତ ଆଉ କିଏ ହାରୀ ଯାଉଛନ୍ତି।ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ପୋଲିସ ଓ ଅବକାରୀ ର ନିଷ୍କ୍ରିୟତା ଯୋଗୁଁ 'ଆପ୍ ନା କାମ୍ ବନ୍ ତା ତ ଭାଡ ମେ ଯାଏ ଜନ୍ ତା' ନୀତି ରେ ଦାୟିତ୍ୱରେ ଥିବା ସରକାରିଆ ବାବୁ ମାନେ ଆଖି ବୁଜି ଦେଇଥିବା ଯୋଗୁଁ ଲୋକେ ଯିବାଆସିବା ସମୟରେ ଭୟ କଲେଣି।ଯାହାର କିଞ୍ଚିତ ଉଦାହରଣ ସ୍ୱରୂପ ଅତାବିରା ଥାନା ଅନ୍ତର୍ଗତ ଚାରି ଥାକିଆ ୫୩ନଂ ମୁଖ୍ୟ ଜାତୀୟ ରାଜପଥ କଡ ସମ୍ବଲପୁର-ବରଗଡ଼ ୱେ ପାତ୍ର କମ୍ପ୍ଲେକ୍ସ ଉପରେ ଥିବା ଇଣ୍ଡି ଆନ୍ ଶାଢ଼ୀ ଦୋକାନ ର ମାଲିକ ଶୁଭମ୍ ଓ ମାଲିକ ଙ୍କ ସମ୍ପର୍କୀୟ ରୋହିତ ଗତ ରାତ୍ରୀ ରେ ଦୋକାନ ବନ୍ଦ କରି ଖାଇବା ପାଇଁ ସରଣ୍ଡା ଓ ଚକୁଳି ଫାର୍ମ ମଝିରେ ରହିଥିବା ସି ଜି ଢ଼ାବା କୁ ଯିବା ସମୟରେ ରାଜରାସ୍ତା ଉପରେ କେତେକ ଦୁର୍ବୃତ୍ତ ମାନେ ହଠାତ୍ ନିଛାଟିଆ ଦେଖି ଲୁଟିବା ଉଦ୍ୟମ କରିବା ସହ ଅତର୍କିତ ଭାବେ ମାରଣାସ୍ତ୍ର ରେ ମରଣାନ୍ତକ ଆକ୍ରମଣ କରି ଚଂପଟ ମାରି ଥିବା ଜଣାପଡିଛି।ଜୀବନ ଆକୁଳ ରେ ରକ୍ତାକ୍ତ ତଥା ଚିତ୍କାର କରି ଆସୁ ଥିବା ବେଳେ ଯିବାଆସିବା ଲୋକଙ୍କ ସୂତ୍ରରୁ ପୋଲିସ ର ସହାୟତା ରେ ସେମାନଙ୍କୁ ଉଦ୍ଧାର କରି ପ୍ରାରମ୍ଭିକ ଚିକିତ୍ସା ସହ ଗୁରୁତର ଅବସ୍ଥା ଦେଖି ପ୍ରଥମେ ବରଗଡ଼ ଘରୋଇ ଡାକ୍ତରଖାନା ସହ ରାୟପୁର ଡାକ୍ତରଖାନା କୁ ପଠାଇ ଦିଆଯାଇଥିବା ଜଣା ପଡ଼ିଛି।ଗୁରୁତର ବ୍ୟକ୍ତି ମାନେ ହେଲେ ଶୁଭମ୍ ଗୁପ୍ତା (୧୮) ରୋହିତ କୁମାର (୨୫) ଏମାନେ କପଡା ଦୋକାନୀ ଓ ସମ୍ପର୍କୀୟ ବିହାର ର ଯୁବକ ହୋଇ ଥିବା ଜଣାପଡିଛି।ଘଟଣା କୁ କେନ୍ଦ୍ର କରି ପୋଲିସ ସନ୍ଦେହ ରେ କିଛି ଲୋକ ଙ୍କୁ ଅଟକ ରଖି ପଚରାଉଚୁରା କରିବା ସହ ଅଧିକ ରୁ ଅଧିକ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ଜଣା ପଡୁଛି।

# ରାଜ୍ୟରେ ଏବେ କଥା କଥାକେ ମୁଣ୍ଡ ଗଡୁଛି

## ଛତିଆରେ ବୋମା ବିସ୍ଫୋରଣରେ ଦୁଇ ମୃତ୍ୟୁ, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି: ବିଜେଡି




**ପ୍ରତିଦିନ ରାଜ୍ୟରେ ତିନିରୁ ଅଧିକ ହତ୍ୟା ଘଟୁଛି**
**ରାଜଧାନୀ ଭୁବନେଶ୍ୱର ଓ ଗଞ୍ଜାମ ଜିଲ୍ଲା ଅପରାଧର ହଟସ୍ପଟ୍**
**ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଖରେ ସ୍ପଷ୍ଟୀକରଣ ରଖନ୍ତୁ**

ଭୁବନେଶ୍ୱର,୧୪/୫: ଯାଜପୁର ଜିଲ୍ଲାର ଛତିଆ ଠାରେ ଆଜି ବୋମା ମାଡ଼ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି। ଗତ ଦୁଇ ସପ୍ତାହ ଭିତରେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଧିକ ବିପର୍ଯ୍ୟସ୍ତ ହୋଇଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିବା ସହିତ ରାଜ୍ୟର ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଦାବି ରଖିଛି। ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ପିପିଲି ନିର୍ବାଚନମଣ୍ଡଳୀରେ ଦୁଇ ଦିନ ତଳେ ଏକ ନାବାଳିକାର ଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି। ସେହିପରି, ମେ ମାସ ପ୍ରଥମ ସପ୍ତାହରେ, କୋରାପୁଟ ଜିଲ୍ଲାର ଲମତାପୁଟର ଗୁନେଇପଡା ଏସଟିଏସସି ବାଳିକା ଛାତ୍ରୀ ନିବାସରେ ଆଠ ବର୍ଷ ବାଳିକା ଧର୍ଷଣର ଶିକାର ହୋଇଥିଲା। ଏପ୍ରିଲ ୨୬ ତାରିଖରେ, ଯାଜପୁର ଜିଲ୍ଲାରେ ଏକ ମହିଳାଙ୍କୁ ଅପହରଣ ଓ ଗଣ ଦୁଷ୍କର୍ମ ଭଳି ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ସେହି ଏପ୍ରିଲ ୨୬ ତାରିଖ ଦିନ, ଜଣେ ୨୩ ବର୍ଷର ଦଳିତ ଯୁବତୀଙ୍କୁ ତାଳଚେର ରେଳ ଷ୍ଟେସନ ନିକଟରୁ ଅପହରଣ ଓ ଦୁଷ୍କର୍ମ ପରେ ହତ୍ୟା କରା ଯିବା ପରେ ତାଙ୍କୁ ଏସିଡ ପକାଇ ପୋଡ଼ିଦେବା ଭଳି ନାରକୀୟ କାଣ୍ଡ ଘଟିଥିଲା। ସେ ଆହୁରି କହିଛନ୍ତି, ରାଜ୍ୟରେ ଏବେ କଥା କଥାକେ ମୁଣ୍ଡ ଗଡୁଛି। ଏପ୍ରିଲ ୨୧ ତାରିଖରେ, ଜଣେ ଯୁବକର ମୁଣ୍ଡ ଭୁବନେଶ୍ୱର ରେଳ ଷ୍ଟେସନ ନିକଟରୁ ମିଳିଥିବା ବେଳେ ଗଣ୍ଡି ଭଦ୍ରକ ଷ୍ଟେସନ ନିକଟରୁ ମିଳିଥିଲା। ପ୍ରତିଦିନ ରାଜ୍ୟରେ ତିନିରୁ ଅଧିକ ହତ୍ୟା ଘଟଣା ସାମ୍ନାକୁ ଆସୁଛି। ରାଜଧାନୀ ଭୁବନେଶ୍ୱର ଓ ଗଞ୍ଜାମ ଜିଲ୍ଲା ଏବେ ହତ୍ୟାର ହଟସ୍ପଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗତ ଦେଢ଼ ମାସ ଭିତରେ ଗଞ୍ଜାମ ଜିଲ୍ଲାରେ ୧୬ ହତ୍ୟା, ୨୮ ହତ୍ୟା ଉଦ୍ୟମ ଓ ୩୫ଟି ମନ୍ଦିରରୁ ଚୋରି ହୋଇଛି, ଯାହା ରାଜ୍ୟବାସୀଙ୍କ ପାଇଁ ଚିନ୍ତାଜନକ। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ରାଜ୍ୟ ସରକାରଙ୍କ ଏଥି ପ୍ରତି ନିଘା ନାହିଁ। ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଡ଼ ମହାନ୍ତି କହିଛନ୍ତି।

## ଅପରେସନ୍ ସିନ୍ଦୂର ପାଇଁ ପରାକ୍ରମ ଶୋଭାଯାତ୍ରା



ଭୁବନେଶ୍ୱର,୧୪/୫: ସାରା ଦେଶ ଆଜି ପାଳୁଛି ସିନ୍ଦୂର ଅପରେସନ୍ ର ସଫଳତାକୁ ନେଇ ତ୍ରିରଙ୍ଗା ଯାତ୍ରା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ତିନିସେନାଙ୍କୁ ସମ୍ମାନ ଜଣାଇବା ଲାଗି 'ପରାକ୍ରମ ଶୋଭାଯାତ୍ରା' ଆୟୋଜିତ ହୋଇଛି। ଏଥିଲାଗି ରାଜଧାନୀ ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡିୟମ ପରିସରରୁ ମଧ 'ପରାକ୍ରମ ଶୋଭାଯାତ୍ରା' ବାହାରିଛି। ଏହାକୁ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟତୀତ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି। ଏହି ଅବସରରେ ଏକ ବାଇକ୍ ରାଲିର ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ୍ ଗାଇଡ୍, ସିଆରପିଏଫ୍, ପୁଲିସ ଓ ଟ୍ରାଫିକ୍ ପୁଲିସ୍ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।ରାଜଧାନୀ ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡିୟମ ପରିସରରୁ ମଧ 'ପରାକ୍ରମ ଶୋଭାଯାତ୍ରା' ବାହାରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି। ଏହି ଅବସରରେ ଏକ ବାଇକ୍ ରାଲିର ଆୟୋଜନ କରାଯାଇଛି। ଏଥିରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ୍ ଗାଇଡ୍, ପୁଲିସ, ଟ୍ରାଫିକ୍ ପୁଲିସ୍ ଅଂଶଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଅପରେସନ ସିନ୍ଦୂରର ସଫଳତାକୁ ନେଇ ଆଜିଠୁ ବିଜେପି ପକ୍ଷରୁ ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲିବ । ଏହା ମାଧ୍ୟମରେ ପହଲଗାମ ଆକ୍ରମଣର ପ୍ରତିଶୋଧ ଓ ଅପରେସନ ସିନ୍ଦୂର ଜରିଆରେ ଆତଙ୍କୀଙ୍କ ଉପରେ ଭାରତର ବିଜୟ ଓ ତିନି ସେନାର ବୀରତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ। ଭାରତ କିପରି ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ସହ ବିଶ୍ୱରେ ନିଜର ସ୍ୱାଭିମାନକୁ ସୁରକ୍ଷିତ ରଖିପାରିଛି ଏହାକୁ ଉପସ୍ଥାପନା କରାଯି। ଏହିକ୍ରମରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ସକାଳ ୮ଟାରେ କଳିଙ୍ଗ ଷ୍ଟାଡିୟମରେ ରାଲି ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ସବୁ ବିଭାଗର ଅଧିକାରୀଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା।

## ପ୍ରାପ୍ୟ ଦାବିରେ ବ୍ଲକ ଅଫିସ ଆଗରେ ଧାରଣା ମୁଣ୍ଡ ନୁଆଁଇଲା ପ୍ରଶାସନ, ତଦନ୍ତ ନିର୍ଦ୍ଦେଶ



ହରଭଙ୍ଗା,୧୪/୫: କାମ କରି ପ୍ରାପ୍ୟ ପାଇବା ପାଇଁ ବିଡିଓଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ସପରିବାର ୨୦ରୁ ୩୦ ମହିଳା/ପୁରୁଷ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଫିସ ଆଗରେ ଗଣଧାରଣା ଦେଇଥିବା ଭଳି ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି। ପ୍ରକାଶ ଯେ ବ୍ଲକର ତିଳେଶ୍ୱର ପଂଚାୟତ ଖଣ୍ଡହତା ଗ୍ରାମର ମୁକୁନ୍ଦ ଭୋକ୍ତା, କୁଶ ମହାକୁଡ଼, କହ୍ନାଇ ପ୍ରଧାନ ପ୍ରମୁଖ ୨୦୨୪ ଫେବୃଆରୀ ପୂର୍ବରୁ ଦୁଇ ଲକ୍ଷ ଟଙ୍କାରେ କନ୍ଧ ସାହି ରାସ୍ତା କାମ କରିଥିଲେ। ସେହିପରି ତିଳେଶ୍ୱର ଗ୍ରାମର ସୁଶାନ୍ତ ଡାଙ୍ଗ, କୁବେର ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, କୃଷ୍ଣ ନାୟକ, ରମେଶ ଝାଙ୍କର ପ୍ରମୁଖ ଆର୍ଥିକ ବର୍ଷ ୨୦୨୩-୨୦୨୪ ପୂର୍ବରୁ ବ୍ଲକର ତିଳେଶ୍ୱରଠାରୁ ଘିମୁହାଣୀ ରାସ୍ତାକାମ ୨ଲକ୍ଷ ଟଙ୍କାରେ କରିଥିଲେ। ଉଭୟ ଗ୍ରାମବାସୀ ଯନ୍ତ୍ରୀ ଗଗନ କୁମାର ବିନ୍ଧାଣିଙ୍କ ନିର୍ଦ୍ଦେଶକ୍ରମେ କାମ କରିଥିଲେ। ମାତ୍ର କାମ ପରେ ବିଲ୍ ହୋଇ ପେମେଣ୍ଟ ସରିଥିବାବେଳେ ସେମାନେ ପ୍ରାପ୍ୟରୁ ବଞ୍ଚିତ ହୋଇଥିବାରୁ ଉଭୟ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ସାତଦିନ ମଧ୍ୟରେ ପ୍ରାପ୍ୟ ନ ମିଳିବାରୁ ଉଭୟ ଗ୍ରାମର ଅଭିଯୋଗକାରୀ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିବା ସମୟରେ ଅଫିସ ଆଗରେ ସପରିବାର ଧାରଣା ଦେଇଥିଲେ। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କୁ ଡକାଇ ଏ ବିଷୟରେ ଆଲୋଚନା କରିବା ସହିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଆସୁଛି ମୌସୁମୀ, ବୁଡ଼ାଇବ ବର୍ଷା: ନିହଲ ହୋଇ ବସିଛି ପୂର୍ତ୍ତ ବିଭାଗ

ଭୁବନେଶ୍ୱର,୧୪/୫: ଆଣ୍ଡାମାନ ଛୁଇଁଲାଣି ମୌସୁମୀ। ଆଉ ଅଳ୍ପ କେଇଦିନ ଭିତରେ ଏହା ଓଡ଼ିଶା ଉପକୂଳ ଛୁଇଁବ। ମୌସୁମୀ ସଅଳ ଓଡ଼ିଶା ଛୁଇଁବା ସହ ବର୍ଷା ବି ଢେର ଆଗୁଆ ଆରମ୍ଭ ହୋଇଯିବ ବୋଲି ପାଣିପାଗ ପୂର୍ବାନୁମାନ କଲାଣି। କିନ୍ତୁ ଏହାର ପ୍ରତିକାର ପାଇଁ ଅଦ୍ୟାବଧି ପ୍ରସ୍ତୁତି ଆରମ୍ଭ କରିନି ବିଏମ୍‌ସି। ସେ ପ୍ରମୁଖ ନାଳ ହେଉ କି ଶାଖା ନାଳ, ପୂର୍ଣ୍ଣମାତ୍ରାରେ ସଫା ହୋଇପାରିନି। ଏବେ ବି ନାଳ ସବୁ ବାଲି, ପଙ୍କ, ମାଟିରେ ପୋତି ହୋଇ ରହିଥିବାବେଳେ କୁଡ଼କୁଡ଼ ଆବର୍ଜନା ନାଳନର୍ଦ୍ଦମାକୁ ଜାମ କରି ରଖିଛି। ସର୍ବାଧିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି ପୂର୍ତ୍ତ ବିଭାଗ ନାଳରେ। ବିଏମ୍‌ସି ଅଳ୍ପ କିଛି ନାଳ ସଫା କରିଥିବାବେଳେ ପୂର୍ତ୍ତ ବିଭାଗ ନିହଲ ହୋଇ ବସିଛି। ଜମାରୁ ନାଳ ସଫେଇରେ ହାତ ମାରିନି। ଫଳସ୍ୱରୂପ ଚଳିତବର୍ଷ ବି ବର୍ଷା ଭୁବେନେଶ୍ୱର ବୁଡ଼ାଇବା ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ମିଶା ନାଳପାଣିରେ ସହରବାସୀ ପୁଣି ଉବୁଟୁବୁ ହେବେ। ଏହା ପୂର୍ବରୁ ସବୁ ନାଳ ଭଲ କରି ସଫା କରି ଆବର୍ଜନା ପାଣି ନିଷ୍କାସନ ବାଟ ଉନ୍ମୁକ୍ତ କରିବାକୁ ଦାବି ହୋଇଛି। ସମୁଦ୍ର ପତନଠାରୁ ୪୫ ମିଟର ଉପରେ ଓ ୧୮୬ ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପ୍ତ ଭୁବନେଶ୍ୱର ମହାନଗର ନିଗମ। ଭୁବନେଶ୍ୱର ମହାନଗର ନିଗମରେ ୬୭ ୱାର୍ଡ, ୪୬ଟି ରାଜସ୍ୱ ଗ୍ରାମ ଓ ପ୍ରାୟ ୬୦୦ ସାହି ରହିଛି। ସବୁ ସାହିରୁ ଆବର୍ଜନା ନିଷ୍କାସନ ପାଇଁ ପ୍ରାୟ ୧୮୦୦ କିଲୋମିଟର ଲମ୍ବା ନାଳ ରହିଛି। ଯେଉଁଥିରୁ ମୁଖ୍ୟ ନାଳ ଲମ୍ବ ୭୭ କିଲୋମିଟର ଓ ମୁଖ୍ୟ ନାଳ ସଂଖ୍ୟା ୧୧। ସେହିଭଳି ବିଏମ୍‌ସି ନାଳ ପ୍ରାୟ ୧୪୦୦ କିଲୋମିଟର ଓ ପୂର୍ତ୍ତ ବିଭାଗ ନାଳ ପ୍ରାୟ ୩୬୦ କିଲୋମିଟର। ପ୍ରତିବର୍ଷ ବର୍ଷା ହେଲା ମାତ୍ରେ ଭୁବନେଶ୍ୱରବାସୀ ବର୍ଷା ପାଣି ମିଶା ନାଳ ପାଣିରେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି। ଏଥିସହ ଭୁବନେଶ୍ୱର



ଆସିଥିବା ଲୋକେ ବି କଲବଲ ହୋଇ ଫେରନ୍ତି। ଦୁଇଚକିଆ ଚାରିଚକିଆ ତ' ଦୂରର କଥା ବସ୍ ଚଳାଚଳ ବି ପ୍ରଭାବିତ ହୁଏ। ଘରେ ଘରେ ପାଣି ପଶୁଛି। ରାସ୍ତାଘାଟରେ ଛୁଟୁଛି ନାଳପାଣିର ସୁଅ। ୩, ୪, ୬, ୨୬, ୩୬, ୩୯ ଆଦି ୱାର୍ଡର ଲୋକେ ବର୍ଷା ହେଲେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ବର୍ଷା ହେଲେ ବିଶେଷ କରି ଇସ୍କନ୍ ଛକ, ଜୟଦେବବିହାର ବ୍ୟାଙ୍କ ଗଳି, ଲକ୍ଷ୍ମୀସାଗର, ରାଜୀବନଗର ଭଳି କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ନାଳପାଣିରେ ଭାସୁଛି। ପ୍ରତିବର୍ଷ ବର୍ଷା ପୂର୍ବରୁ ନାଳରୁ ଆବର୍ଜନା ସଫା କରାଯାଇଥାଏ। ଚଳିତବର୍ଷ ବର୍ଷା ସଅଳ ଓଡ଼ିଶା ଉପକୂଳ ଛୁଉଁଥିବାରୁ ଏବେଠୁ ଆବର୍ଜନା ସଫା ନ କଲେ ଓ ପୂର୍ବପ୍ରସ୍ତୁତି ନ କଲେ, ଆଗକୁ ସ୍ଥିତି ଅସମ୍ଭାଳ ହେବା ଜଳଜଳ ଦିଶୁଛି। ଭୁବନେଶ୍ୱର ମହାନଗର ନିଗମ ସିଟି ଇଂଜିନିୟର ଇଂ. ବିଳାଶ କୁମାର ବେହେରା କହିଛନ୍ତି, ନାଳ ସଫା ବିଏମ୍‌ସିର ନିୟମିତ କାମ। ତଥାପି ବର୍ଷା ପୂର୍ବରୁ ଅଧିକ କସରତ କରିବାକୁ ପଡ଼େ। ବିଏମ୍‌ସିର ୧୪୦୦ କିଲୋମିଟର ନାଳରୁ ୬୦ ପ୍ରତିଶତ ନାଳ ସଫା ସରିଗଲାଣି। ଶୀଘ୍ର ପୂର୍ତ୍ତ ବିଭାଗ ନାଳ ସଫା ଆରମ୍ଭ ହେବ। ଏ ଉପରେ ଆଲୋଚନା ସରିଛି। ଅପରପକ୍ଷେ ସହରାଞ୍ଚଳ ସ୍ଥାୟୀ ବନ୍ୟା ପ୍ରତିକାର ପାଇଁ ସ୍ୱତନ୍ତ୍ର ଆକ୍ସନ୍ ପ୍ଲାନ ପ୍ରସ୍ତୁତ କରାଯାଇଛି। ଏନ୍‌ଡିଆରଏଫ୍(ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି)ରୁ ୨୦୦ କୋଟି ଟଙ୍କା ବିଏମ୍‌ସିକୁ ମିଳିବାର ଅଛି। ଯେଉଁଥିରେ କେନ୍ଦ୍ର ସରକାରଙ୍କ ୮୦ ପ୍ରତିଶତ ଓ ରାଜ୍ୟ ସରକାରଙ୍କ ୨୦ ପ୍ରତିଶତ ଅନୁଦାନ ରହିବ। ନଗର ଉନ୍ନୟନ ବିଭାଗ ବି ଅସଜଡ଼ା ନାଳକୁ ସଜାଡ଼ିବା ଓ ସହରାଞ୍ଚଳ ବନ୍ୟା ଦୂରୀକରଣ ପାଇଁ ୩୦ କୋଟି ଟଙ୍କା ନାଳ କାମ ପାଇଁ ମଞ୍ଜୁର କରିଛନ୍ତି ବୋଲି ଇଂ. ବେହେରା କହିଛନ୍ତି।

## ଯାଜପୁର ବିଜେପି ନଗର ସଭାପତି ହେଲେ ଇଂ.ତପନ କୁମାର ନାୟକ



ଯାଜପୁର,୧୪/୦୫(ନି.ପ୍ର):ଯାଜପୁର ବିଜେପି ନଗର ସଭାପତି ଭାବେ ଇଂ.ତପନ କୁମାର ନାୟକ ଦ୍ୱିତୀୟ ଥର ପାଇଁ ମନୋନୀତ ହୋଇଛନ୍ତି । ପୁର୍ନବାର ଯାଜପୁର ନଗର ବିଜେପି ସଭାପତି ଭାବେ ମନୋନୀତ ହୋଇଥିବାରୁ ଇଂ.ତପନ ନାୟକଙ୍କୁ ଭାରତୀୟ ଜନତା ପାର୍ଟିର ସମସ୍ତ ନେତୃତ୍ୱ ଓ କର୍ମୀମାନେ ଅଭିନନ୍ଦନ ଜଣାଇଛନ୍ତି ।ଗତ ୦୯/୦୫/୨୦୨୫ ରିଖ ଶୁକ୍ରବାର ଦିନ ଯାଜପୁର ସର୍କିଟ ହାଉସ ଠାରେ ଜିଲ୍ଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ମିଳିତ ସମନ୍ୱୟ ବୈଠକରେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା ପାର୍ଥି ଇଂ.ତପନ କୁମାର ନାୟକ ଙ୍କୁ ଯାଜପୁର ଜିଲ୍ଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ ଙ୍କ ସୁପାରିସ କ୍ରମେ ଓଡ଼ିଶା ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ଯାଜପୁର ନଗର ବିଜେପି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଇଂ.ତପନ ନାୟକ ଜଣେ ଦୃଢ଼ ସଂଗଠକ ଭାବରେ ସାଧାରଣ ରେ ପରିଚିତ । ତାଙ୍କୁ ପୁଣି ଥରେ ଯାଜପୁର ନଗର ବିଜେପି ସଭାପତି ଦାୟିତ୍ୱ ମିଳିଥିବାରୁ ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି,ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ, ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବଡ଼ଚଣା ବିଧାୟକ ଆମର ନାୟକ, କୋରାଇ ବିଧାୟକ ଆକାଶ ଦାସ ନାୟକ , ଧର୍ମଶାଳା ବିଧାୟକ ହିମାଂଶୁ ସାହୁ,ସାଂସଦ ରବିନାରାୟଣ ବେହେରାଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସୁଦୃଢ କରାଯାଉଛି ଇଭି ଭିତ୍ତିଭୂମି



ଭୁବନେଶ୍ୱର,୧୪/୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି । ଏଥିରେ ଓଡ଼ିଶାର ମଧ ଯୋଗଦାନ କିଛି କମ୍ ନୁହେଁ। ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ହେବ। ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବସିଡ଼ି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହିତ ସାରା ଓଡ଼ିଶାରେ ବିଦ୍ୟୁତ ଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେସନ ନିର୍ମାଣ ପାଇଁ ଭିତ୍ତିଭୂମିକୁ ସୁଦୃଢ କରାଯାଉଛି । ଏଥିପାଇଁ ଓଡ଼ିଶା ଇଭି ପଲିସି ଖୁବଶୀଘ୍ର ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷିରେ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ସର୍ଭୋଟେକ ନାମକ ସଂସ୍ଥା ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୌରଚାଳିତ ବିଦ୍ୟୁତ ଉତ୍ପାଦନ ଏବଂ ରାଜ୍ୟରେ ଇଭି ଷ୍ଟେସନ ନିର୍ମାଣ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମି ଖୁବ ସୁଦୃଢ ଅଛି। ଦେଶର ପ୍ରମୁଖ ୧୦ ଟି ବିଦ୍ୟୁତ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ମଧ୍ୟରେ ଓଡ଼ିଶାର ତିନୋଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ସ୍ଥାନ ଅଧିକାର କରିଛନ୍ତି। ଏତଦବ୍ୟତୀତ ଓଡ଼ିଶାର ବିଦ୍ୟୁତ ପରିଚାଳନା ମଡେଲକୁ ଆପଣେଇବା ପାଇଁ ଉତ୍ତରପ୍ରଦେଶ ରାଜ୍ୟ ମଧ ଆଗ୍ରହ ପ୍ରକାଶ କରି ପ୍ରତିନିଧିଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଇଥିଲେ। ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ କୁମାର ମିଶ୍ର, ଗ୍ରିଡକୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରମଣ ଭାଟିଆ, ଶ୍ରୀ ନୀତିନ ପେରେଇରା, ଶକ୍ତି ବିଭାଗ ଗ୍ରିଡକୋ,ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାଗଣା ତାଲିମ ଆଳରେ ଶିକ୍ଷିତଙ୍କୁ ଶୋଷଣ

ଭୁବନେଶ୍ୱର , ୧୪/୫: ଚାକିରିଟିଏ ବିକଳ ହେଉଥିବା ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ତାଲିମ ଓ ନିଯୁକ୍ତି ନାଁରେ ଚାଲିଛି ଶୋଷଣ । ମାଗଣା ତାଲିମ ପରେ ନିଯୁକ୍ତି ଦେଇ ସେମାନଙ୍କ ପାଉଣାରୁ ମୋଟା ଅଙ୍କର ଅର୍ଥ ନେଇଯାଉଛନ୍ତି ତାଲିମଦାତା । ତାଲିମ ପ୍ରଦାନ କରୁଥିବା ସଂସ୍ଥା ଓ ନିଯୁକ୍ତି ଦେଉଥିବା ସଂସ୍ଥା ମଧ୍ୟରେ ସଲାସୁତରାରେ ଚାଲିଥିବା ଏହି ଶୋଷଣ ଉପରେ ସରକାରୀକଳ ନଜର ଦେବାକୁ ମତପ୍ରକାଶ ପାଉଛି । ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଏବେ ଏବେ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର, ସ୍ପୋକେନ ଇଂରାଜୀ ଆଦିର ମାଗଣା ତାଲିମ ଲୋଭ ଦେଖାଯାଉଛି । ତାଲିମ ପରେ ଶତ ପ୍ରତିଶତ ନିଯୁକ୍ତି ମିଳିବ ବୋଲି କୁହାଯାଉଛି । ଏଥିରେ ଆକର୍ଷିତ ହୋଇ ଛାତ୍ରଛାତ୍ରୀମାନେ ଯୋଗ ଦେଉଛନ୍ତି । ମାସେ କିମ୍ବା ଦୁଇମାସର ମାଗଣା ତାଲିମ ପରେ ବିଭିନ୍ନ ସଂସ୍ଥାରେ ତାଲିମର ସୁଯୋଗ ମିଳୁଛି । ତେବେ ତାଲିମ ପାଉଥିବା ପିଲାମାନେ ମାସକୁ ୬/୭ ହାଜର ଟଙ୍କାରୁ ଅଧିକ ପାଉଣା ପାଉନାହାନ୍ତି । ଏହି ଚାକିରିରେ ଛୁଟି ବି ନାହିଁ । ଛୁଟିରେ ରହିଲେ ମାସିକ ପାଉଣାରୁ ପଇସା କଟି ଯାଉଛି । ରବିବାର ପାଇଁ ମଧ ପଇସା ମିଳୁନାହିଁ । ମୋଟାମୋଟି ଭାବେ ନିଯୁକ୍ତି ପାଉଥିବା ପିଲାମାନେ ମାସକୁ ୫/୬ ହଜାର ଟଙ୍କାରୁ ଅଧିକ ପାଉନାହାନ୍ତି । କମ୍ପାନୀ ପକ୍ଷରୁ ସେମାନଙ୍କୁ ମିଳୁଥିବା ପାଉଣାରୁ ମୋଟା ଅଙ୍କର ଅର୍ଥ ସମ୍ପୃକ୍ତ ତାଲିମପ୍ରଦାନକାରୀ ସଂସ୍ଥା କମିଶନ ଆକାରରେ ନେଉଥିବା




ନେଇ ଅନେକ ଆଶଙ୍କା କରୁଛନ୍ତି । ତେବେ ପାଠପଢା ପରେ ଦୁଇ ପଇସା ରୋଜଗାର ପାଇଁ ବିକଳ ହେଉଥିବା ପିଲାମାନଙ୍କୁ ଏଭଳି ଉପାୟରେ ଶୋଷଣ ଚାଲିଥିବାବେଳେ ଏଥିଯୋଗୁଁ ଅନେକ ପ୍ରତିଭାବାନ ପିଲା ବିଭିନ୍ନ ପ୍ରତିଯୋଗିତା ପାଇଁ ଆଉ ମନ ବଳାଉ ନାହାନ୍ତି । ମାଗଣା ତାଲିମ ଓ ତାଲିମ ପରେ ପରେ ନିଯୁକ୍ତି ନିଶାରେ ଅନେକ ଯୁବପୀଢି ଏବେ ଏଥିପ୍ରତି ଢଳୁଥିବାରୁ ସହଜରେ ଶୋଷଣର ଶିକାର ହେଉଛନ୍ତି । ସେହିଭଳି ଛାତ୍ରଛାତ୍ରୀଙ୍କୁ ମାଗଣା ତାଲିମ ଦେବାପାଇଁ ସମ୍ପୃକ୍ତ ଅନୁଷ୍ଠାନଗୁଡିକ ବିଭିନ୍ନ ଯୋଜନାରେ ସରକାରୀ ଓ ବେସରାରୀ ସଂସ୍ଥାରୁ ପ୍ରଚୁର ଅର୍ଥ ଆଣୁଥିବାବେଳେ ଏ ସଂକ୍ରାନ୍ତରେ କିନ୍ତୁ ତାଲିମଧାରୀ ଟେର ପାଉନାହାନ୍ତି । ତେଣୁ ମାଗଣା ତାଲିମ ପରେ ଯେଉଁ ସଂସ୍ଥାରେ ଯେତିକି ପଇସାରେ ନିଯୁକ୍ତି ମିଳୁଛି ସେଥିରେ ସହଜରେ ରାଜି ହୋଇଯାଉଛନ୍ତି । ଏହି ଯୋଜନରେ ତାଲିମ ପ୍ରଦାନ କରୁଥିବା ସଂସ୍ଥାର ଦୁଇପଟୁ ଲାଭ ହେଉଥିବାବେଳେ ତାଲିମ ନେଇ ବିଭିନ୍ନ ଘରୋଇ ସଂସ୍ଥାରେ କାମ କରୁଥିବା ପିଲାମାନେ ସହଜରେ ଶୋଷଣର ଶିକାର ହେବାରେ ଲାଗିଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ